ବର୍ଷ-୨୪, ସଂଖ୍ୟା-୨୨୫
ଭୁବନେଶ୍ୱର
୧୪ ସେପ୍ଟେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 225
Bhubaneswar
14 September, 2024, Saturday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଆସିଲା ନୂଆ ଅବକାରୀ ନୀତି

# ପୁରୀରେ ଖୋଲିବନି ମଦ କ୍ୟାବିନ୍

ଭୁବନେଶ୍ୱର,୧୩।୯(ମହାଭାରତ): ରାଜ୍ୟରେ ପ୍ରଥମ ଥର ସରକାର କରିବା ପରେ ନିଜସ୍ୱ ଅବକାରୀ ନୀତି ଆଣିଛନ୍ତି ମୋହନ ସରକାର। ନୂଆ ମଦ ନୀତି ଆଜି ଘୋଷଣା ହୋଇଥିବା ବେଳେ ସେଥିରେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି ରାଜ୍ୟ ସରକାର। ପୁରୀ ବିଚରେ ଖୋଲିବନି ମଦ କ୍ୟାବିନ୍। ପୁରୀ ବେଳାଭୂମି ସହ ପୁରୀ ପୌରାଞ୍ଚଳରେ ବି ମଦ କ୍ୟାବିନ୍ ମନା।



ସାମାଜିକ, ଧାର୍ମିକ, ସାଂସ୍କୃତିକ ଦିଗକୁ ଦେଖି ନୀତିରେ ପରିବର୍ତ୍ତନ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟର ଅନ୍ୟ ଧର୍ମସ୍ଥଳୀ ଅଞ୍ଚଳରେ ବି ଖୋଲିବନି ମଦ କ୍ୟାବିନ। ଧାର୍ମିକ ଅନୁଷ୍ଠାନର ୫ କିମି ପରିଧି ମଧ୍ୟରେ ବି ମଦ କ୍ୟାବିନ ଖୋଲିବନି ବୋଲି ସ୍ପଷ୍ଟ କରାଯାଇଛି।

ପୁରୀ ସି- ବିଚରେ ମଦ କ୍ୟାବିନ୍ ଖୋଲାଯିବାକୁ ବିରୋଧ କରି ଗତ ୧୧ ତାରିଖରେ ପୁରୀରେ ବ୍ୟାପକ ଆନ୍ଦୋଳନ କରାଯାଇଥିଲା। ଏଥିସହ ମନ୍ଦିର ନିକଟରେ ସମୂହ ଦୀପ ଦାନ କରାଯିବା ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ।

ଆନ୍ଦୋଳନକାରୀ ଯୁକ୍ତି ବାଢ଼ିଥିଲେ, ପୁରୀର ସମୁଦ୍ର ତଟ ହେଉଛି ମହୋଦଧି ତଟ। ପ୍ରତି ସନ୍ଧ୍ୟାରେ ସେଠାରେ ମହୋଦଧି ଆଳତୀ କରାଯାଏ। ଅମାବାସ୍ୟାରେ ସେଠାରେ ଅନେକ ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ଯେଉଁଠାରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅସ୍ଥି ବିସର୍ଜନ କରନ୍ତି ସେଠାରେ କିପରି ମଦର ବନ୍ୟା ସୃଷ୍ଟି କରାଯିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି।

ରାଜ୍ୟ ସରକାରଙ୍କ ଅବକାରୀ ନୀତି ଅନୁଯାୟୀ, ସ୍କୁଲ, କଲେଜ, ଦେବାଳୟ ଓ ଡାକ୍ତରଖାନା ଅରଗରେ ମଦ ଦୋକାନ ଖୋଲି ପାରିବନି। ଏହି ନିୟମ ବହୁ ପୂର୍ବରୁ ଲାଗୁ ହୋଇଥିଲେ ବି ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉନି। ତେଣୁ ତୁରନ୍ତ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଦାବି ହେଉଛି। ରାଜ୍ୟ ସରକାରଙ୍କ ଏହି ମଦ ନୀତିର ବୈଧତା ୭ରୁ ୮ ମାସ ପର୍ଯ୍ୟନ୍ତ ରହିବ। କିନ୍ତୁ ଆଗାମୀ ବର୍ଷ ଯେଉଁ ମଦ ନୀତିଆସିବ ସେଥିରେ ବ୍ୟାପକ ପରିବର୍ତ୍ତନ ଆଣିବେ ନୂଆ ସରକାର । ମୁଖ୍ୟତଃ ଉକ୍ତ ନିୟମରେ ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାର ନେବେ କଠୋର ପଦକ୍ଷେପ।

## କଡ଼େଇରେ ମହାପ୍ରସାଦ ଘଟଣାର ତଦନ୍ତ ନିର୍ଦ୍ଦେଶ

ପୁରୀ,୧୩।୯(ମହାଭାରତ): ଶ୍ରୀମନ୍ଦିର ରୋଷ ଘରେ ମାଟି କୁଡୁଆରେ ରନ୍ଧନ ପରମ୍ପରା ଥିବା ବେଳେ ଲୁହା କଡ଼େଇରେ ମହାପ୍ରସାଦ ରୋଷେଇ ହେଉଥିବା ଅଭିଯୋଗ ଆସିବା ପରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସୁଆର ମହାସୁଆର ନିଯୋଗ,ରୋଷପାଇକ ନିଯୋଗର ସମ୍ପାଦକ ଏବଂ ରୋଷ ଅମୀନ ରୋଷ ଘର ପରିଦର୍ଶନ କରି ଲୁହା କଡ଼େଇ ଜବତ କରିବା ସହ ୭ ଦିନ ଭିତରେ କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ପାଟଯୋଶୀ ମହାପାତ୍ର, ତଳିଛ ମହାପାତ୍ର ଏବଂ ଦେଉଳ କରଣ ପ୍ରତିଦିନ ରୋଷଶାଳାକୁ ଯାଇ ତନାଘନା କରି ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।ଶ୍ରୀମନ୍ଦିର ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପରମ୍ପରା ବିରୋଧୀ କାର୍ଯ୍ୟ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

# କେଜ୍ରିୱାଲଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ,୧୩।୯(ମହାଭାରତ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଛି ସୁପ୍ରିମ ଆଶ୍ୱସ୍ତି। ତାଙ୍କର ଜେଲରୁ ବାହାରିବା ବାଟ ସଫା ହୋଇଯାଇଛି। ବହୁ ପ୍ରତୀକ୍ଷା ପରେ ଆଜି ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦିଲ୍ଲୀ ଅବକାରୀ ନୀତିରେ ଅର୍ଥ ହେରଫେର ମାମଲାରେ ଜାମିନ ଦେଇଛନ୍ତି ସର୍ବୋଚ୍ଚ ଅଦାଲତଯ ଫଳରେ ପ୍ରାୟ ୬ ମାସ ପରେ ଜେଲରୁ ମୁକୁଳିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ।



ଇଡି ଗିରଫଦାରୀ ବିରୋଧରେ ସର୍ବୋଚ୍ଚ ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ। ଉକ୍ତ ମାମଲାରେ କେଜ୍ରିୱାଲଙ୍କୁ ପୂର୍ବରୁ ଜାମିନ ମିଳିଥିବା ବେଳେ ଏବେ ସୁପ୍ରିମକୋର୍ଟ ତାଙ୍କୁ ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ୧୦ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚଲିକା ବଦଳରେ ତାଙ୍କୁ ଏହି ଜାମିନ ପ୍ରଦାନ କରାଯାଇଛି।ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଜାମିନ ପ୍ରଦାନ କରିଥିବା ବେଳେ ଏଥିନିମନ୍ତେ କିଛି ସର୍ତ୍ତ ବି ଲାଗୁ କରିଛନ୍ତି। ଜେଲରୁ ମୁକୁଳିବା ପରେ କେଜ୍ରିୱାଲ ନିଜ କାର୍ଯ୍ୟାଳୟକୁ ଯାଇ ପାରିବେନି କି କୌଣସି ଫାଇଲ୍ରେ ଦସ୍ତଖତ କରି ପାରିବେନି। ସାର୍ବଜନୀନ ସ୍ଥାନରେ ଏହି ମାମଲାରେ ସେ କୌଣସି ବୟାନ ବା ଟିପ୍ପଣୀ ଦେଇ ପାରିବେନି ବୋଲି ବି ତାଗିଦ କରିଛନ୍ତି ସୁପ୍ରିମକୋର୍ଟ।ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କେଜ୍ରିୱାଲଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଇଡି ମାମଲାରେ ପୂର୍ବରୁ କେଜ୍ରିୱାଲଙ୍କୁ ଜାମିନ ମିଳିଥିବା ବେଳେ ଏବେ ସିବିଆଇ ମାମଲାରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହି ମାମଲାର ଶୁଣାଣି କରି ଜଷ୍ଟିସ ଭୂୟାଁ କହିଛନ୍ତି, ଇଡି ମାମଲାରେ ପୂର୍ବରୁ କେଜ୍ରିୱାଲଙ୍କୁ ଜାମିନ ମିଳିସାରିଥିବା ବେଳେ ଏବେ ସିବିଆଇ ମାମଲାରେ ତାଙ୍କୁ ଜେଲରେ ରଖିବା ସମ୍ପୂର୍ଣ୍ଣ ଭାବେ ଅଯଥାର୍ଥ। କାରଣ ଜାମିନ ନିୟମ ହୋଇଥିବା ବେଳେ ଜେଲ୍ ହେଉଛି ବ୍ୟତିକ୍ରମୟ କୌଣସି ମାମଲା ପରିଚାଳନା ବେଳେ ହେଉଥିବା ଗିରଫଦାରୀ କୌଣସି ପ୍ରକାରେ ଉତ୍ପୀଡ଼ନର ରୂପ ନେବା ଉଚିତ ନୁହେଁ। ତେଣୁ କେଜ୍ରିୱାଲଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ସେ କହିଥିଲେ,ସିବିଆଇ ସବୁବେଳେ ନିଜକୁ ଏକ ପିଞ୍ଜରାରେ ବନ୍ଦୀ ଶୁଆ। ହେବା ଅପେକ୍ଷା ଖୋଲା ଆକାଶର ମୁକ୍ତ ଶୁଆ। ପରି ଆଚରଣ କରିବା ଉଚିତ ।ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଗତ ୫ ତାରିଖରେ କେଜ୍ରିୱାଲଙ୍କ ସିବିଆଇ ଗିରଫଦାରୀ ମାମଲାର ଶୁଣାଣି କରିଥିବା ବେଳେ ରାୟ ସଂରକ୍ଷିତ ରଖିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ କୋର୍ଟ ଉକ୍ତ ଦିନ ରାୟ ପ୍ରକାଶ ନ କରି ତାହାକୁ ସଂରକ୍ଷିତ ରଖିଥିଲେ। କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁ ସାଂଘବୀ ନିଜ ପକ୍ଷ ରଖି କହିଥିଲେ, ମୋ ମହକିଲଙ୍କୁ ନିୟମିତ ଜାମିନ ପ୍ରଦାନ କରାଯିବା ଉଚିତ। କାରଣ ସିବିଆଇ ପକ୍ଷରୁ ରୁଜୁ ହୋଇଥିବା ଏଫଆଇଆର କପିରେ ପ୍ରଥମେ ତାଙ୍କ ନାମ ଉଲ୍ଲେଖ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ନାମକୁ ସେଥିରେ ଯୋଡ଼ା ଯାଇଥିଲା।କେବଳ ଜଣେ ସାକ୍ଷୀଙ୍କ ବୟାନ ଆଧାରରେ ତାଙ୍କୁ ଗିରଫ କରାଯାଇଥିଲା। ତେଣୁ ସିବିଆଇ କେଜ୍ରିୱାଲଙ୍କୁ ଗିରଫଦାରୀ କରିବା ଘଟଣା କଦାପି ନ୍ୟାୟ ସଙ୍ଗତ ନୁହେଁ।

## ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର,୧୩।୯(ମହାଭାରତ): ଲଘୁଚାପ ୱେଲମାର୍କ ଲୋପ୍ରେସରରେ ପରିଣତ ହୋଇଛି। ପ୍ରଭାବରେ ଆଜିଠାରୁ ଉତ୍ତର ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ତେଣୁ ଆସନ୍ତାକାଲି(ଶୁକ୍ରବାର) ମୟୂରଭଞ୍ଜ ଜିଲାରେ ସମସ୍ତ ସ୍କୁଲ୍ ବନ୍ଦ ରହିବ। ମୟୂରଭଞ୍ଜ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ପାଇଁ ଜିଲାପାଳ ଛୁଟି ଘୋଷଣା କରିଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହିତ ଜିଲାର କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହାକୁ ଦୃଷ୍ଟି ରଖି ଜିଲାପାଳ ମୟୂରଭଞ୍ଜ ଜିଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୧୩ ଜିଲ୍ଲାକୁ ୟେଲୋ ଆଲର୍ଟ କରାଯାଇଛି। କାଲିଠାରୁ ବର୍ଷାର ପରିମାଣ ବଢ଼ିବ। ଭୀଷଣ ବର୍ଷା ନେଇ ମୟୂରଭଞ୍ଜ ଜିଲ୍ଲାକୁ ରେଡ ଆଲର୍ଟ ଜାରି ହୋଇଛି। ମୟୂରଭଂଜ ଜିଲ୍ଲାରେ ୨୦୦ ମିମିରୁ ଅଧିକ ବର୍ଷା ସମ୍ଭାବନା ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝରକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହି ସବୁ ଜିଲ୍ଲାରେ ୭୦ରୁ ୨୦୦ ମିମି ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭୀଷଣ ବର୍ଷା ନେଇ ମୟୂରଭଞ୍ଜ ଜିଲ୍ଲାକୁ ରେଡ ଆଲର୍ଟ ଜାରି ହୋଇଛି। ମୟୂରଭଂଜ ଜିଲ୍ଲାରେ ୨୦୦ ମିମିରୁ ଅଧିକ ବର୍ଷା ସମ୍ଭାବନା ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝରକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ,୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, ସୁନ୍ଦରଗଡ, ଦେବଗଡ଼, ଅନୁଗୁଳ ଏବଂ ଢେଙ୍କାନାଳକୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି।ବର୍ଷା ସମୟରେ ଘଣ୍ଟାପ୍ରତି ୪୦ରୁ ୫୦କିଲୋମିଟର ବେଗରେ ପବନ ବହିବ। ତେଣୁ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମତ୍ସଜୀବୀଙ୍କୁ ସମୁଦ୍ରକୁ ବାରଣ କରାଯାଇଛି।

## 'ଅକ୍ଟୋବର ୫ ସୁଦ୍ଧା ସବୁ ସହରର ରାସ୍ତା ମରାମତି କାମ ସରିବ'

ଭୁବନେଶ୍ୱର,୧୩।୯(ମହାଭାରତ); ଅକ୍ଟୋବର ୫ ତାରିଖ ସୁଦ୍ଧା ଦ୍ୱୈତ ନଗରୀ ସମେତ ରାଜ୍ୟର ସବୁ ସହରରେ ସରିବ ରାସ୍ତା ମରାମତି କାମ। ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଥମ ଥର ଲାଗି ଆଜି ଦ୍ୱୈତ ନଗରୀ ପାଇଁ ବସିଥିବା ସ୍ୱତନ୍ତ୍ର ବୈଠକ ପରେ ଏହି ସୂଚନା ଦେଇଛନ୍ତି ଗୃହ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଥିସହ ଜଳବନ୍ଦୀ ସମସ୍ୟା ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଶ୍ୱର-କଟକ ରାସ୍ତା ମରାମତି ନେଇ ସମନ୍ୱୟ ବୈଠକ ବସି ନଥିଲା। ଆମ ସରକାର ଆସିବା ପରେ ଆଜି ପ୍ରଥମ ଥର ସମନ୍ୱୟ ବୈଠକ ବସିଛି। ଆଗକୁ ଏ ଧାରା ଜାରି ରହିବ ଓ ରାସ୍ତା ଘାଟ ସ୍ଥିତି ନେଇ ସମୀକ୍ଷା କରାଯିବ। ପାର୍ବଣ ପରେ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈଠକ ବସିବ। କଟକ-ଭୁବନେଶ୍ୱରରେ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ଦୂର ପାଇଁ ନୂଆ। ରାସ୍ତା ତିଆରି ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।



ବୈଠକରେ ଯୋଗଦେଇଥିବା ବାରବାଟୀ-କଟକ ବିଧାୟିକା ସୋଫିଆ। ଫିର୍ଦୋସ୍ କହିଛନ୍ତି, ଆମେ ଗଣେଶ ପୂଜା ବୁଲିବା ବେଳେ ଅନେକ ରାସ୍ତା ଘାଟ ସମସ୍ୟା ଦେଖୁଛୁ। ସେ ସବୁର ତାଲିକା କଟମ ମହାନଗର ନିଗମକୁ ଦେଇଛୁ। ନିର୍ଦ୍ଧାରିତ ସମୟ ଭିତରେ ରାସ୍ତା ଓ ଡ୍ରେନ୍ କାମ ସାରିବାକୁ ଦାବି କରିଛୁ ବୋଲି ସୋଫିଆ। କହିଛନ୍ତି।

ସେପଟେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ରାସ୍ତା ଓ ଡ୍ରେନ୍ କାମ ବେଳେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରହୁନି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଭଳି ସମନ୍ୱୟ ରହିବ, ସେ ନେଇ ଗୁରୁତ୍ୱ ଦିଆଯାଉ। ଆଗକୁ ରାସ୍ତା ତିଆରି ବେଳେ ଖରାପ ରାସ୍ତାକୁ ସମ୍ପୂର୍ଣ୍ଣ ଖୋଲି ନୂଆ ଦୀର୍ଘ ମିଆଦି ରାସ୍ତା ତିଆରି କରନ୍ତୁ। ନଚେତ। ୧୯୮୦ ମସିହାରୁ ତିଆରି ହୋଇଥିବା ଘର ଏବେ ରାସ୍ତା ଠୁ ତଳେ ରହିଲେଣି। ଯେଉଁଥିପାଇଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି ବୋଲି ଶ୍ରୀ ଜେନା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ରାଜଧାନୀ ସହର ଭୁବନେଶ୍ୱରର ମୋଟ୍ ୭୯୮ କିଲୋମିଟର ବିଶିଷ୍ଟ ୮୧୮ଟି ରାସ୍ତା ରହିଥିବା ବେଳେ ୨୨୨ କିଲୋମିଟର ବିଶିଷ୍ଟ ୩୫୧ଟି ରାସ୍ତାରେ ମରାମତି ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୧୫୦.୭୬ କିଲୋମିଟର ବିଶିଷ୍ଟ ୨୮୯ଟି ରାସ୍ତାରେ ସାମାନ୍ୟ ମରାମତି ଦରକାର ହେଉଥିବା ବେଳେ ୭୧ କିଲୋମିଟର ବିଶିଷ୍ଟ ୬୨ଟି ରାସ୍ତାରେ ବ୍ୟାପକ ମରାମତି ଦରକାର। ସେହିପରି କଟକରେ ମୋଟ ୧୯୭ କିଲୋମିଟର ବିଶିଷ୍ଟ ୯୫ଟି ରାସ୍ତା ରହିଥିବା ବେଳେ ୮୦ କିଲୋମିଟର ବିଶିଷ୍ଟ ୩୪ଟିରାସ୍ତାରେ ଆବଶ୍ୟକ ମରାମତି। ସେଥିମଧ୍ୟରୁ ୨୭ଟିରାସ୍ତାରେ ୭୦ କିଲୋମିଟର ରାସ୍ତାରେ ସାମାନ୍ୟ ମରାମତି ଦରକାର ହେଉଥିବା ବେଳେ ୭ଟି ରାସ୍ତାର ୯.୫୯ କିଲୋମିଟରରେ ବ୍ୟାପକ ମରାମତି ଦରକାର।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆନ୍ଦୋଳନକାରୀ ଡାକ୍ତର

ନୂଆଦିଲ୍ଲୀ,୧୩।୯(ଏଜେନ୍ସି): କୋଲକାତାର ଆର.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆନ୍ଦୋଳନ ଚଳାଇଥିବା ଜୁନିୟର ଡାକ୍ତରମାନେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ସେମାନେ ମାମଲାରେ ଉଭୟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀଙ୍କ ସହ ସେମାନଙ୍କର ତିକ୍ତତା ଲାଗି ରହିଛି। ବେଙ୍ଗଲ ସରକାର ସେମାନଙ୍କୁ ଆଲୋଚନା ପାଇଁ ଡାକୁ ଥିଲେ ହେଁ ଆନ୍ଦୋଳନକାରୀ ଡାକ୍ତରମାନେ ଯାଉ ନାହାନ୍ତି। କ୍ରମାଗତ ତୃତୀୟ ଦିନ ପାଇଁ ଗୁରୁବାର ଆଲୋଚନା ହୋଇ ନ ପାରିବାରୁ ମମତା ମଧ୍ୟ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି।

ଏହି ଘଟଣା ପରେ ଆନ୍ଦୋଳନକାରୀ ଡାକ୍ତରମାନେ ରାଷ୍ଟ୍ରପତି ମୁର୍ମୁଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି। ଏହାର କପିକୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପ ରାଷ୍ଟ୍ରପତି ଜଗଦୀପ ଧନକର ଓ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ପାଖକୁ ପଠାଇଛନ୍ତି। ଏଥିରେ ସେମାନେ ଲେଖିଛନ୍ତି ଯେ ଦେଶର ମୁଖିଆ ହିସାବରେ ଆମେ ଏହି ପ୍ରସଙ୍ଗକୁ ଆପଣଙ୍କ ଆଗରେ ବେଶ ବିନମ୍ରତାର ସହ ଉପସ୍ଥାପନ କରୁଛୁ। ଏହାଦ୍ୱାରା ଭୟଙ୍କର ଅପରାଧର ଶିକାର ହୋଇଥିବା ଆମ ସହକର୍ମୀଙ୍କୁ ଉପଯୁକ୍ତ ନ୍ୟାୟ ମିଳି ପାରିବ। ଏଥିସହ ଆମେ ପଶ୍ଚିମବଙ୍ଗ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସ୍ୱାସ୍ଥ୍ୟକର୍ମୀମାନେ ବିନା ଭୟ ଓ ଆଶଙ୍କାରେ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିପାରିବୁ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଅଫିସରଙ୍କ ଛୁଟି ବାତିଲ

ଭୁବନେନଶ୍ୱର,୧୩।୯(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତାକାଲିଠୁ ଅଫିସରମାନଙ୍କ ହେଡକ୍ୱାର୍ଟର ଛାଡ଼ିବା ଉପରେ କଟକଣା ଜାରି କରିଛନ୍ତି। ଆସନ୍ତା ୩ଦିନ ସରକାରୀ ଛୁଟିଦିନ ଥିଲେ ମଧ୍ୟ କୌଣସି ସରକାରୀ ଅଫିସର ହେଡକ୍ୱାର୍ଟର ନଛାଡ଼ିବା ପାଇଁ ରାଜ୍ୟ ସରକାର ଆଜି ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ୩ଦିନ ମଧ୍ୟ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଫିସ୍ ଖୋଲା ରହିବ।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଘାସିରାମ ମୁର୍ମୁ ଆଜି ସମସ୍ତ ବିଭାଗର ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ସରକାରୀ ଅଫିସରମାନଙ୍କର ହେଡକ୍ୱାର୍ଟରରେ ଅନୁପସ୍ଥିତ ରହିବା ଉପରେ କଟକଣା ଜାରି କରିଛନ୍ତି। ସରକାରୀ ଛୁଟିଦିନ ଅର୍ଥାତ ସେପ୍ଟେମ୍ବର ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୌଣସି ସରକାରୀ ଅଫିସରଙ୍କୁ ହେଡକ୍ୱାର୍ଟର ଛାଡ଼ିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ସମସ୍ତ ଅଫିସରମାନଙ୍କୁ ଜାରି କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପରାମର୍ଶ ଦେଇଛି। ସାଧାରଣ ପ୍ରଶାସନ ବିଭାଗର ଏହି ଚିଠି ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୧୪ରୁ ୧୬ତାରିଖ(ସରକାରୀ ଛୁଟିଦିନରେ) ଅଫିସ୍ ଖୋଲା ରହିବ ବୋଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରଧାନମନ୍ତ୍ରୀ ଆସନ୍ତା ୧୭ତାରିଖରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରର ଜନତା ମଇଦାନରେ ବିଶାଳ ଜନସଭାକୁ ସମ୍ବୋଧିତ କରିବେ। ଏହାସହିତ ବିଜେପି ସରକାରର ମହାକାଂକ୍ଷୀ ସୁଭଦ୍ରା ଯୋଜନାକୁ ମଧ୍ୟ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଭୟ ସଂଗଠନ ଓ ସରକାରୀସ୍ତରରେ ଶାସକ ବିଜେପି ଯୋଜନା କରିଛି।

## ପାଇଖାନା ଟାଙ୍କି ନେଲା ଆଉ ଦୁଇ ଜୀବନ

ଅନୁଗୋଳ,୧୩।୯(ମହାଭାରତ): ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା ଅନ୍ତର୍ଗତ ନୂଆହତା ଶକ୍ତି ନଗର କଲୋନୀରେ ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଶି କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ରଘୁ ହାଁସଦା ଓ ମେଡ଼ ନାଗ। ସେମାନଙ୍କ ଘର ମୟୂରଭଞ୍ଜ ଜିଲ୍ଲାର ବହଳଦା ଥାନା ରେମ ଗାଁରେ। ଦେବଗଡ଼ ଜିଲ୍ଲାର ଜଣେ ବ୍ୟକ୍ତି ଶକ୍ତି ନଗର କଲୋନୀରେ ଏକ ଘର ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟରେ ସେ ମୟୂରଭଞ୍ଜ ଜିଲ୍ଲାର କିଛି ଲୋକଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଛନ୍ତି। ଆଜି ତାଙ୍କର ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରକୁ ଦୁଇ ଜଣ ଶ୍ରମିକ ପଶି କିଛି କାର୍ଯ୍ୟ କରୁଥିଲେ। ତେବେ ସେମାନେ ପ୍ରାୟ ଦୁଇ ଘଣ୍ଟା ଧରି ସେଠାରୁ ବାହାରି ନଥିଲେ କି ସେଠାରୁ କୌଣସି ଶବ୍ଦ ଶୁଣିବାକୁ ମିଳି ନଥିଲା।

## ବଦଳିଲା ପୋର୍ଟ ବ୍ଲେୟାରର ନାଁ

ନୂଆଦିଲ୍ଲୀ,୧୩।୯: ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟ ବ୍ଲେୟାର ନାଁ ବଦଳିଛି। ଆଜି କେନ୍ଦ୍ର ସରକାର ପୋର୍ଟ ବ୍ଲେୟାର ନାଁକୁ ଶ୍ରୀ ବିଜୟ ପୂରମ କରିଛନ୍ତିୟ ଏଣିକି ପୋର୍ଟ ବ୍ଲେୟାର ଶ୍ରୀ ବିଜୟ ପୂରମ ନାଁରେ ପରିଚୟ ହାସଲ କରିବ। ଦେଶକୁ ଔପନିବେଶିକ ଛାପରୁ ବାହାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖିବା ସ୍ୱପ୍ନକୁ ପୂରଣ କରିବା ଉଦ୍ଦେଶ୍ୟରେ ପୋର୍ଟ ବ୍ଲେୟାରର ନାଁ ପରିବର୍ତ୍ତନ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି।

ଗୋଟିଏ ଏକ୍ସ ପୋଷ୍ଟରେ ଅମିତ ଶାହ କହିଛନ୍ତି, ଶ୍ରୀ ବିଜୟ ପୂରମ ଆମ ସ୍ୱାଧୀନତା ସଂଗ୍ରାମ ଓ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଳଙ୍କୃତ କରିଥିଲା। ପୂର୍ବରୁ ଥିବା ନାଁ ଔପନିବେଶିକ ଛାପକୁ ଦର୍ଶାଉଥିଲା। ଶ୍ରୀ ବିଜୟ ପୂରମ ସ୍ୱାଧୀନତା ସଂଗ୍ରାମରେ ଆମେ ପାଇଥିବା ବିଜୟର ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ଆଣ୍ଡାମାନ ନିକୋବର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିଲା। ଏହା ପ୍ରଥମ ସ୍ଥାନ ଯେଉଁ ଠାରେ ଆମ ତ୍ରିରଙ୍ଗାକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉତ୍ତୋଳନ କରିଥିଲେ। ଏଠାରେ ଥିବା ସେଲୁଲାର ଜେଲରେ ବୀର ସାବରକର ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ସ୍ୱାଧୀନ ଦେଶ ପାଇଁ ସଂଘର୍ଷ କରିଥିଲେ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଆମ ସ୍ୱାଧୀନତା ସଂଗ୍ରାମ ଓ ଇତିହାସରେ ଅତୁଳନୀୟ ସ୍ଥାନ। ଏହି ଦ୍ୱୀପପୁଞ୍ଜର ଅଞ୍ଚଳକୁ ଏକଦା ଚୋଳ ସାମ୍ରାଜ୍ୟର ନୌସେନା ବେସ ଭାବେ ବ୍ୟବହାର କରାଯାଉଥିବା ବେଳେ ଆଜି ଏହା ଆମର ରଣନୀତିର ଗୁରୁତ୍ୱପୂର୍ଣ୍ଣ ବେସ ପାଲଟିଛି ବୋଲି ଅମିତ ଶାହ କହିଛନ୍ତି।

# 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ଖର୍ଚ୍ଚ ହେବ ୧୪୨୩.୪୭ କୋଟି

ଭୁବନେଶ୍ୱର,୧୩।୯(ମହାଭାରତ): ଭାରତର ଖାଦ୍ୟ ନିରାପତ୍ତା, ଗ୍ରାମୀଣ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ପଶୁପାଳନ ଏବଂ ଗୋପାଳନ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଭାରତ ସରକାରଙ୍କ ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ପକ୍ଷରୁ ଆୟୋଜିତ ମୌସୁମୀ ବୈଠକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି । ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।



ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଆମ ଜାତୀୟ ଅର୍ଥନୀତିକୁ ଉଲ୍ଲେଖନୀୟ ଯୋଗଦାନ ଦେଇ ଭାରତକୁ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ମାନ୍ୟତା ଦେଇଛି। ପ୍ରାଣୀପାଳନ କ୍ଷେତ୍ର ଗ୍ରାମାଂଚଳରେ ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଜନଜାତି ବର୍ଗ ଓ ମହିଳାମାନଙ୍କୁ କର୍ମନିଯୁକ୍ତି ସହିତ ରୋଜଗାର ମଧ୍ୟ ଯୋଗାଇ ଦେଇଥାଏ। ଆଜିର ଏହି ଆୟୋଜନ ଦେଶରେ ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଆଗେଇ ନେବା ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ ।

କୃଷି କ୍ଷେତ୍ରର ଅଭିବୃଦ୍ଧିରେ ପଶୁପାଳନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏ କ୍ଷେତ୍ରର ବିକାଶ ଜରିଆରେ ଗ୍ରାମାଂଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା କୃଷକ, ବେରୋଜଗାର ଯୁବଗୋଷ୍ଠୀଙ୍କୁ ଜୀବନଜୀବିକା ପ୍ରଦାନ ଏବଂ ମହିଳା ଗୋଷ୍ଠୀଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଉଭୟ କେନ୍ଦ୍ର ଏବଂ ଓଡିଶା ସରକାର ଅଧିକ ଧ୍ୟାନ ଦେଉଛନ୍ତି। ନୂତନଭାବେ ଦାୟିତ୍ୱ ନେଇଥିବା ଓଡିଶା ସରକାରଙ୍କ ୧୦୦ ଦିନ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଇତି ମଧ୍ୟରେ ରାଜ୍ୟ ସରକାର ସମସ୍ତ କ୍ଷେତ୍ରରେ ବ୍ୟାପକ କାୟାକଳ୍ପ ପରିବର୍ତ୍ତନ ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଆଗାମୀ ୫ ବର୍ଷ ପାଇଁ ୧୪୨୩.୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ କରି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଯୋଜନା ପ୍ରଣୟନ କରାଯାଇଛି।

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଦୁଗ୍ଧ ସମବାୟ ସଂସ୍ଥାଗୁଡିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଡେଏରୀ ବିକାଶ ବୋର୍ଡ ସହିତ ଆଜି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏନ୍.ଡି.ଡି.ବି.ର ସହଯୋଗରେ ଆମ ସରକାର ବ୍ରହ୍ମପୁରଠାରେ ଏକ ଟିକା ଉତ୍ପାଦନ କେନ୍ଦ୍ର ଏବଂ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ଗୋଖାଦ୍ୟ ବିଶ୍ଳେଷଣ କେନ୍ଦ୍ର ସ୍ଥାପନ କରିବେ। ରାଜ୍ୟରେ ଛେଳି, ମେଣ୍ଢା ଓ କୁକୁଡା ପାଳନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଆରମ୍ଭ କରାଯିବ। ବୁଲା ଓ ଅବହେଳିତ ପ୍ରାଣୀସମ୍ପଦର ଯତ୍ନ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ 'ବିକଶିତ ଓଡିଶା ୨୦୩୬' କୁ ଆଖି ଆଗରେ ରଖି ଆମ ସରକାର କୃଷକଙ୍କ ଦ୍ୱାରଦେଶରେ ୨୪ ଘଣ୍ଟିଆ ପ୍ରାଣୀସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏକ ସମନ୍ୱିତ କେନ୍ଦ୍ର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ରତ୍ନଭଣ୍ଡାର ଯାଞ୍ଚ ପାଇଁ ବନ୍ଦ ରହିବ ସାଧାରଣ ଦର୍ଶନ

ପୁରୀ,୧୩।୯(ମହାଭାରତ) : ଆସନ୍ତା ୧୮ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ। ଏ.ଏସ.ଆଇ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ରତ୍ନଭଣ୍ଡାର ଯାଞ୍ଚ କରାଯିବ। ଏଥି ପାଇଁ ଦିନ ଗୋଟାଏ ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଯାଞ୍ଚ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗ ମଣ୍ଡପ ପରଠାରୁ ଦର୍ଶନ ବନ୍ଦ ରହିବ। ସେହି ଦିନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି।

ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ (ଏସଓପି) ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଂଗ୍ କୋଠରୀକୁ ସ୍ଥାନାନ୍ତରଣ ଏବଂ ଖାଲି ଆଲମିରା ତଥା ସିନ୍ଦୁକ ଗୁଡିକ ସ୍ଥାନାନ୍ତରିତ ହୋଇ ସାରିଛି। ତାପରେ ଏ.ଏସ୍.ଆଇ କୁ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ। ତେବେ ମରାମତି ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସର୍ଭେ କରାଯିବାକୁ ଅନୁରୋଧ କରାଯାଇଥିଲା। ଏହା ଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ ଏ.ଏସ୍.ଆଇ କୁ ଅନୁରୋଧ କରାଯାଇଥିଲା। ପୂର୍ଣାଂଗ ଅତ୍ୟାଧୁନିକ ତଥା ବୈଷୟିକ ଯାଞ୍ଚ ପରେ ଏ.ଏସ୍.ଆଇ ରତ୍ନ ଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଅବିଳମ୍ବେ ସାରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା (ଏସଓପି) ଅନୁସାରେ ଏହା ଅନୁଷ୍ଠିତ ହେବ। ତେଣୁ ଏହି ଦିନ ଶ୍ରୀଜୀଉଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ନକରି ନିରୀକ୍ଷଣ ପ୍ରକ୍ରିୟା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।

## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।



..... ପରଦା ଖବର ......

# ଜଣେ ଭିନ୍ନକ୍ଷମ ନାରୀର କାହାଣୀ: ଆଭା

ଖୁସିର କଥା। ଶୁକ୍ରବାର ଦିନ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଗୋଟିଏ ‘ଆଶ୍ରମ’ ଏକ ଆଶାର ଆଶ୍ରୟ ଏବଂ ଅନ୍ୟଟି ଦିବ୍ୟାଙ୍ଗ ଝିଅର କାହାଣୀ ‘ଆଭା’। ଓମ୍ ବାବା ପ୍ରଡ଼କସନ୍ସ ନିବେଦିତ ଚଳଚ୍ଚିତ୍ର ‘ଆଭା’ରେ ସାମାଜିକ ବାର୍ତ୍ତା ଭରପୂର ରହିଛି। ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଜଣେ ଶାରୀରିକ ଭିନ୍ନକ୍ଷମ ଝିଅ ହେଉଛି ଆଭା। ଭିଉକ୍ଷମ ହେଲେ ମଧ ଜୀବନରେ ହାର୍ ନମାନି କିଭଳି ସଂଘର୍ଷ କରି ବଞ୍ଚିବାକୁ ହୁଏ ସେସବୁ ନେଇ କାହାଣୀ ଗତିଶୀଳ ହୋଇଛି। ଚଳଚ୍ଚିତ୍ରଟି ପର୍ଶ୍ଚିମବଙ୍ଗର ମେଦିନିପୁର ଅଞ୍ଚଳରେ ଥିବା ଏକ ଆଦିବାସୀ ଗ୍ରାମରେ ସୁଟିଂ କରାଯାଇଛି। ଏହି ଚଳଚ୍ଚିତ୍ର ମାଧମରେ ଦର୍ଶକ ଅନେକ ନୂଆ ସ୍ୱାଦ ପାଇବେ ବୋଲି କହିଛନ୍ତି କାହାଣୀ ଓ ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଥିବା ପଲ୍ଲବ ରୟ। ଚଳଚ୍ଚିତ୍ର ନାରୀ କୈନ୍ଦ୍ରିକ ହୋଇଥିବାରୁ ସମାଜରେ ସୁପ୍ରଭାବ ପଡ଼ିବ ବୋଲି ନିର୍ମାତା ପ୍ରବୀର ମହାପାତ୍ର ଆଶା ପ୍ରକଟ କରିଛନ୍ତ। ଏଥିରେ ବିଶିଷ୍ଟ ଗୀତିକାର ମୋହିତ ଚକ୍ରବର୍ତ୍ତୀ ସଂଳାପ ଲେଖିଛନ୍ତ। ଚିତ୍ରୋତ୍ତୋଳନ ଚିତ୍ତରଞ୍ଜନ ବିଶ୍ୱାଳ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ସତ୍ୟ ପ୍ରକାଶ ସାହୁ କାର୍ଯ୍ୟକାରୀ ପ୍ରଯୋଜକ ଓ ପ୍ରଣୟ ଜେଠୀ କ୍ରିଏଟିଭ ହେଡ୍ ଅଛନ୍ତି। ‘ଆଭା’ରେ ମୁଖ୍ୟ ଭୂମିକାରେ ଅଛନ୍ତି ନବାଗତା ଅଭିନେତ୍ରୀ ସୋନା ମଲ୍ଲିକ। ତାଙ୍କ ସହିତ ଅଭିଜ୍ଞ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ୱେତା ଆଚାର୍ଯ୍ୟ, ବିଶାଲ ସାହୁଙ୍କ ସମେତ ଆହୁରି ଅନେକ ତାରକା ଅଭିନୟ କରିଛନ୍ତି। ଭୁବନେଶ୍ୱରରେ ନେକ୍ସସ୍ ଏସ୍ପ୍ଲାନେଡ୍ରେ ସନ୍ଧ୍ୟା ୫ଟା ୫୫, ଡିଏନ୍ ରେଗାଲିଆରେ ଦିନ ୨ଟାରେ ଏବଂ ଶ୍ରୀୟା ସ୍ୱାତୀ ସ୍ମୃତି ସିନେକମ୍ପ୍ଲେକ୍ସରେ ଅପରାହ୍ନ ୪ଟା ୩୦ରେ ଏହାର ଗୋଟିଏ ଲେଖାଏ ସୋ' ରହିଛ। ଶୁକ୍ରବାର ମଧ ଓଡ଼ିଆ ଫିଲ୍ମ ‘ଆଶ୍ରମ’ ରିଲିଜ୍ ହେଉଛି। ଏହି ଚଳଚ୍ଚିତ୍ରର କାହାଣୀ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସରଙ୍କ କାହାଣୀୟ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନା ଓ ପ୍ରଯୋଜକ ତପନ ଦାଶଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ଅଭିଜ୍ଞ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କ ବଳିଷ୍ଠ ଅଭିନୟ ଦେଖିବାକୁ ମିଳିବ। ଅନ୍ୟମାନଙ୍କ ମଧରେ ଅଭିନେତା ଅଭିଷେକ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ତନୁଶ୍ରୀ ଦାଶ, ଶ୍ୱେତା ଆଚାର୍ଯ୍ୟ, ଅମର ମହାପାତ୍ର, ସେମ୍ୟରଂଜନ ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ‘ଆଶ୍ରମ’ରେ ଦିଲୀପ ଚୌଧୁରୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି। ଗୀତିକାର ବାପୁ ଗୋସ୍ୱାମୀ ଗୀତ ଲେଖିଛନ୍ତି, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାରୟ ନେକ୍ସ ଏସ୍ପ୍ଲାନେଡ୍ରେ ଅପରାହ୍ନ ୩ଟା, ଉତ୍କଳ କନିକା ଗ୍ୟାଲେରିଆରେ ସନ୍ଧ୍ୟା ୬ଟା ୪୫ ଓ ଡିଏନ୍ ରେଗାଲିଆରେ ଅପରାହ୍ନ ୪ଟା ୫୦ରେ ଏହାର ଗୋଟିଏ ଲେଖାଏ ସୋ' ଲାଗିଛି।





## ପଞ୍ଚଦେବଙ୍କ ମଧ୍ୟରୁ ଅନ୍ୟତମ ସୂର୍ଯ୍ୟ



ପଞ୍ଚ ହିନ୍ଦୁ ଦେବଙ୍କ ମଧ ସୂର୍ଯ୍ୟ ହେଉଛନ୍ତି ଅନ୍ୟତମ। ସେ ଆଲୋକ ପ୍ରଦାନ କରି ସାରା ଜୀବଜଗତକୁ ଜୀବନ ପ୍ରଦାନ କରିଛନ୍ତି। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟ ଦେବ ଋଷି କଶ୍ୟପ ଏବଂ ମାତା ଅଦିତିଙ୍କ ପୁତ୍ର। ମାତାଙ୍କ ନାମ ଅନୁସାରେ ତାଙ୍କୁ ଆଦିତ୍ୟ ନାମରେ ସମ୍ବୋଧନ କରାଯାଇଥାଏ। ସୂର୍ଯ୍ୟ ଦେବଙ୍କ ଠାରୁ ଶିକ୍ଷା ଗ୍ରହଣ କରି ହନୁମାନ ମହାଜ୍ଞାନୀ ହୋଇ ପାରିଥିଲେ। ହିନ୍ଦୁ ଧର୍ମରେ ସୂର୍ଯ୍ୟ ପୂଜାର ବିଶେଷ ମହତ୍ତ୍ୱ ରହିଛି। ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଦେବଙ୍କ ପୂଜା ଅଶେଷ କଲ୍ୟାଣଦାୟୀ ହୋଇଥାଏ। ଭଗବାନ ସୂର୍ଯ୍ୟ ନାରାୟଣଙ୍କର ୨୧ଟି ପବିତ୍ର ନାମ ରହିଛି। ଏହି ନାମ ଉଚ୍ଚାରଣ କରିବା ଦ୍ୱାରା ଆୟୁ, ଶକ୍ତି, ସଫଳତା, ସମ୍ମାନ ଓ ପ୍ରତିପତି ବୃଦ୍ଧି ଘଟିଥାଏ ବୋଲି ବିଶ୍ୱାସ ରହିଛି। ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ‘ସ୍ତବରାଜ’ ଭାବେ ପ୍ରସିଦ୍ଧ ସୂର୍ଯ୍ୟ ଦେବଙ୍କ ଏହି ୨୧ଟି ନାମ ଉଚ୍ଚାରଣ କରିବା ଦ୍ୱାରା ସୂର୍ଯ୍ୟଙ୍କ କୃପାପ୍ରାପ୍ତି ସହଜ ହୋଇଥାଏ। ଏହି ନାମ ହେଉଛି : ଭାସ୍କର, ରବି, ତାପନ, ଲୋକସାକ୍ଷୀ, ଲୋକପ୍ରକାଶକ, ତପନ, ସୁଚିପବନ, ଲୋକଚକ୍ଷୁ, ଶ୍ରୀମାନ୍, ତ୍ରିଲୋକେଶ, କର୍ତ୍ତା, ଗ୍ରହେଶ୍ୱର, ହର୍ତ୍ତା, ବ୍ରହ୍ମା, ଗଭସ୍ତିହସ୍ତ, ତମିସ୍ରହ, ସପ୍ତଶ୍ୱବାହାନ, ବିକର୍ତ୍ତନ, ବିଭାଶ୍ୱନ, ମାର୍ତ୍ତଣ୍ଡ ସର୍ବଦେବନମସ୍କାତ୍। ଏହି ନାମ ଜପ କଲେ ଭକ୍ତର ସମସ୍ତ ଦୁଃଖ ଦୂର ହେବାର ସହ ଅଶେଷ କଲ୍ୟାଣ ପ୍ରାପ୍ତି ହୋଇଥାଏ।

# ପେଟ ଥଣ୍ଡା କରେ ଗୁଡ

ନିୟମିତ ଗୁଡ ସେବନ କରିବା ଦ୍ୱାରା ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ। ଏହାକୁ ଆପଣ ନିୟମିତ ଡାଏଟର ସାମିଲ କଲେ ଶରୀରକୁ ଅନେକ ଲାଭ ମିଳିଥାଏ। ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ଗ୍ରାମ ଗୁଡ ସେବନ କରିବା ଉଚିତ। ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢେ। ହେଲେ ଗୁଡ ଖାଇବା ଦ୍ୱାରା ଅମ୍ଳ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ।

ଗୁଡ ସେବନର ଫାଇଦା ସମ୍ପର୍କରେ ଜାଣନ୍ତୁ -

ହାଡ ଶକ୍ତ ରଖେ : ଯଦି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ଦରଜ ଅନୁଭବ ହେଉଛି ତେବେ ଗୁଡ ସହିତ ଅଦା ଖାଇବା ଦ୍ୱାରା ଆପଣଙ୍କୁ ଲାଭ ମିଳିଥାଏ। କାରଣ ଗୁଡରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫୁସଫରସ ରହିଛି। ଏହି ଦୁଇଟି ତତ୍ତ୍ୱ ହାଡ ଶକ୍ତ କରିବାରେ ସହାୟତା କରେ।

ଏନିମିଆ ରୋଗ : ଗୁଡରେ ପ୍ରଚୁର ପରିମାଣରେ ଆଇରନ ଥିବାରୁ ଏହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏଥିସହିତ ଏନିମିୟା ରୋଗୀଙ୍କ ପାଇଁ ଗୁଡର ସେବନ ଖୁବ ଉପକାରୀ ହୋଇଥାଏ।

ଥଣ୍ଡାକାଶ : ଗୁଡ ଗରମ ହୋଇଥିବାରୁ ଥଣ୍ଡା ଦିନରେ ଏହାକୁ ଖାଇଲେ ଶରୀରର ଉଷ୍ମ ରହିଥାଏ। ଏଥିସହିତ ଥଣ୍ଡା ଓ କାଶ ଭଳି ରୋଗରୁ ରକ୍ଷା କରିଥାଏ। ଗୁଡ ଖାଇଲେ ସଂକ୍ରମଣ ଜନିତ ରୋଗରୁ ବି ମୁକ୍ତି ମିଳିଥାଏ।

ଗଳା ସମସ୍ୟା : କଳା ଲଙ୍କା, ଅଦା ଓ ଗୁଡକୁ ମିଶାଇ ଖାଇବା ଦ୍ୱାରା ଥଣ୍ଡା ଜ୍ୱର ଦୂର ହୁଏ। ଯଦି ଆପଣ ଗୁଡ ଓ ଅଦାକୁ ଗରମ କରି ଖାଇବେ ତେବେ ଗଳା ଜନିତ ସମସ୍ୟାରୁ ତୁରନ୍ତ ଆରାମ ମିଳିବ।

ପେଟ ପାଇଁ ଲାଭଦାୟକ: ଯଦି ଆପଣଙ୍କର କୋଷ୍ଠକାଠିନ୍ୟ,ଗ୍ୟାସ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ। ଯଦି ଆପଣଙ୍କର ଆମ୍ଳିଳା ହେକ୍କୁଟି ଆସୁଛି ତେବେ ଗୁଡ ସହିତ କଳା ଲୁଣ ମିଶାଇ ଖାଆନ୍ତୁ। ଦେଖିବେ ନିହାତି ଆରାମ ଲାଗିବ। ଖାଇବା ପରେ ଗୁଡ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼ିବା ସହ ଭୋକ ଲାଗିଥାଏ।

ପେଟ ଥଣ୍ଡା ରଖେ ଗୁଡ : ଖାଇବା ପିଇବା ଠିକ୍ ଭାବେ ନକଲେ ପେଟ ଗରମ ହୋଇଯାଏ। ଏହାସହ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦିଏ। ଏଭଳି କ୍ଷେତ୍ରରେ ଲେମ୍ବୁ ମିଶ୍ରିତ ପାଣିରେ ଗୁଡ ମିଶାଇ ପିଇଲେ ପେଟ ଥଣ୍ଡା ହୋଇଥାଏ।

ଥଣ୍ଡା-କାଶରୁ ମୁକ୍ତି : ଥଣ୍ଡା କାଶରୁ ମୁକ୍ତି ପାଇବା ଲାଗି ଗୁଡ ଲାଭଦାୟକ। କଳା ଲୁଣ ଏବଂ ଅଦା ସହିତ ଗୁଡ ମିଶାଇ ଖାଇଲେ ଥଣ୍ଡା କାଶରୁ ଆରାମ ମିଳିଥାଏ। ଯଦି କାଶ ଲାଗିରହେ ତେବେ ଗୁଡ ଖାଇବା ଉଚିତ। ଗୁଡ ସହିତ ଅଦା ମିଶାଇ ଗରମ କରି ଖାଇବା ଦ୍ୱାରା ଗଳା ଠିକ୍ ଲାଗିଥାଏ।



# ପାପ ଭାର କମାଏ ଫୁଲ ଦ୍ୱାରା ପୂଜା



ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି। ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ ବହୁଦିନରୁ ପ୍ରଚଳିତ। ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଦ୍ଧପରିହାରତ। ପୁଷ୍କଳାର୍ଥପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ"। ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ। "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍କୁସୁମୋପହିତଂ ସଦା"। ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ। "ପୁଷ୍ପୈର୍ଦେବାଂ ପ୍ରସିଦନ୍ତି ପୁଷ୍ପୈ ଦେବାଶ୍ଚ ସଂସ୍ଥିତା। ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦନ"। ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି।

ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ। ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ। ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ। ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ। ଫୁଲର ଆୟୁଷ କମ୍ ହୋଇଥାଏ। କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ। ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ। ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ। ଘର ଆଗରେ ବ୍ରହ୍ମକମଳ, ଗୁଡହଲ, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ। ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ। ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି। ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ।

## ଯୁବା ଦିଶିବାର ସହଜ ଉପାୟ

ମୁଖମଣ୍ଡଳରେ ବାର୍ଦ୍ଧକ୍ୟର ଛାପ ଦିଶିଲେ ଅଧା ସୌନ୍ଦର୍ଯ୍ୟ ସେଇଟି କମିଯାଏ। ଏପରି ପରିସ୍ଥିତିରେ ଅଧିକାଂଶ ଲୋକ ସଂକୋଚ ଅନୁଭବ କରିଥାନ୍ତି। ଆପଣଙ୍କ ଚର୍ମର ରଙ୍ଗ ଯାହା ହେଉ ପଛେ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ,



ଆପଣ କେତେ ଆକର୍ଷଣୀୟ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେ ସଂପର୍କରେ ଉଲ୍ଲେଖ କରାଯାଇଛି। ଏହି ସବୁ ଦିଗକୁ ଧ୍ୟାନ ଦେଲେ ଆପଣ ବି ଦିଶିବେ ଚୀର ସବୁଜ। ଡାକ୍ତରଙ୍କଠାରୁ ଆରମ୍ଭ କରି ଯୋଗ ଗୁରୁ, ସେଲିବ୍ରେଟି ଏବଂ ସବୁ ଧରଣର ବିୟୁଟିସିଆନମାନେ ମତ ଦିଅନ୍ତି ଯେ ପାଣି ପିଇବା ଉତ୍ତମ ତ୍ୱଚ ପାଇଁ ସବୁଠାରୁ ଅଧିକ ଜରୁରୀ। ଯିଏ ଯେତେ ପରିମାଣରେ ପାଣି ପିଅନ୍ତି ତାଙ୍କ ତ୍ୱଚ ସେତେ ଚିକ୍କଣ ଦିଶେ। ବ୍ରଣ ସମସ୍ୟା ମଧ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚ ତେଲିଆ ଦିଶେ। ଦୂରରୁ ମଧ ଆପଣଙ୍କ ଚେହେରା ଚକମକ କରିବ। ପାରୁଛନ୍ତି ଯଦି କଲରା, ଲାଉ ଏବଂ ଗାଜର ରସ ପିଅନ୍ତୁ। ଚା, କଫି କିମ୍ବା ଫାଷ୍ଟଫୁଡରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ ପ୍ରିୟ ଲୋକଙ୍କ ମଧରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ମୁହଁରେ ଅମୃତଭଣ୍ଡା, କଦଳୀ, ଆଳୁ, ବିଲାତି ବାଇଗଣ କିମ୍ବା ମହୁ କୌଣସିରୁ ଗୋଟାଏ ଲେପ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚ ନରମ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଜଲ୍‌ଦି ଶୋଇ ଜଲ୍‌ଦି ଉଠନ୍ତୁ। ବିଳମ୍ବିତ ରାତିରେ ଶୋଇବା ତ୍ୱଚ ପାଇଁ ଆଦୌ ଶୁଭଙ୍କର ନୁହେଁ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସମୀକ୍ଷା

**ଭୁବନେଶ୍ୱର,୧୩।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ତାରିଖ ଦିନ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୂପେ ସମ୍ପାଦନ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନସଚିବ ଅନୁ ଗର୍ଗ, ଗୃହବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ, ଭୁବନେଶ୍ୱର ମହାନଗର ନିଗମ କମିଶନର, ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଯୋଗଦେଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭ୍ରା ଶର୍ମା, 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ପରିପ୍ରେକ୍ଷୀରେ ବିଭାଗ ତରଫରୁ ନିଆଯାଇଥିବା ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ। ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡଃ. ସନ୍ତୋଷ ବାଲା ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ବିଶଦ୍ ସୂଚନା ଦେଇଥିଲେ।

ଏହି ଦିନ ଜନତା ମଇଦାନରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଉଥିବାରୁ ହିତାଧିକାରୀଙ୍କ ସମେତ ବହୁଜନ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ପ୍ରସ୍ତୁତି ସମୀକ୍ଷା କରି ବିଭିନ୍ନ ବିଭାଗର ଯେଉଁ ଯେଉଁ କାମ ରହିଛି, ଆନ୍ତଃ ବିଭାଗୀୟ ସମନ୍ୱୟରେ ସେସବୁକୁ ସଠିକ ଭାବେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଜିପି ଏବଂ ଆଇଜିପିଙ୍କୁ ଆଇନ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଆବଶ୍ୟକସ୍ଥଳେ ତାଙ୍କର ସାମୟିକରହଣି, ସୁରକ୍ଷାବ୍ୟବସ୍ଥା, କାରକେଡ଼ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସହ ସ୍ୱତନ୍ତ୍ର ସୁବିଧା ଥିବା ଆମ୍ବୁଲାନ୍ସ ବ୍ୟବସ୍ଥା ରହିବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମୟରେ ଯେପରି ନିରବଚ୍ଛିନ ଯେପରି ବିଦ୍ୟୁତ୍ ସରବରାହ ରହିବ ସେ ବିଷୟରେ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ମରାମତି, ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା, ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧ୍ୟମଙ୍କୁ ସିଙ୍ଗିଲ ଫିଡ୍ ବ୍ୟବସ୍ଥା ସହ ପ୍ରେସ୍ କୁ ବିବରଣୀ ପ୍ରଦାନ କରାଯିବ। ଆବଶ୍ୟକ ପାସ ବ୍ୟବସ୍ଥା କରାଯିବା ସହ ଜନଗହଳିକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ସ୍ଥଳରେ ପୁଲିସ୍ କର୍ମଚାରୀଙ୍କ ସମେତ ଅଧିକ ସେଚ୍ଛାସେବୀ ମୁତୟନ ହେବେ। ଅଗ୍ନିଶମ ସେବା ବିଭାଗତରଫରୁ ଅଗ୍ନିନିର୍ବାପକ ପ୍ରସ୍ତୁତି ବ୍ୟବସ୍ଥା ସହ ଜନଗହଳି ଦୃଷ୍ଟିରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଏହି ଉତ୍ସବ ଦେଖିବା ପାଇଁ ଏଲ୍ଇଡି ବ୍ୟବସ୍ଥା କରାଯିବ ବୋଲି ସ୍ଥିର କରାଯାଇଛି।

କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା, ହିତାଧିକାରୀ ଏବଂ ଜନସାଧାରଣ ବସିବା ପାଇଁ ଯଥେଷ୍ଟ ସଂଖ୍ୟକ ଚୌକି ବ୍ୟବସ୍ଥା, ମହିଳା ସମାବେଶ ଦୃଷ୍ଟିରୁ କାର୍ଯ୍ୟକ୍ରମ ସ୍ଥଳ ଏବଂ ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ମୋବାଇଲ ଶୌଚାଳୟ ଏବଂ ବାୟୋଟଏଲେଟ୍ ବ୍ୟବସ୍ଥା କରାଯିବା ନେଇ ସଂପୃକ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ମୋଦିଙ୍କ ଜନ୍ମଦିବସରୁ ସେବା ପକ୍ଷ ପାଳନ କରାଯିବ

**ଭୁବନେଶ୍ୱର,୧୩।୯ (ମହାଭାରତ):** ଭାରତୀୟ ଜନତା ପାର୍ଟି ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶ ଓ ରାଜ୍ୟର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜନ କରିଥାଏ। ନିଜର ସାମାଜିକ ମୂଲ୍ୟବୋଧକୁ ଏହି ଦଳ ସର୍ବଦା ଗୁରୁତ୍ୱ ଦେଇଥାଏ। ସେବା ହିଁ ପରମ ଧର୍ମକୁ ଚରିତାର୍ଥ କରିବାକୁ ଯାଇ ସମାଜର ଗରିବ, ଶୋଷିତ ବର୍ଗର ଉତ୍ଥାନ ନିମନ୍ତେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରାଯାଉଛି। ଏନେଇ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ତାଙ୍କ ଜନ୍ମଦିବସ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ବିଜେପି ପକ୍ଷରୁ ଦେଶବ୍ୟାପୀ ସେବାପକ୍ଷ ଭାବେ ପାଳନ କରାଯିବ। ଏହି ସମୟ ମଧ୍ୟରେ ବିଜେପିର କାର୍ଯ୍ୟକର୍ତାମାନେ ବିଭିନ୍ନ ସେବା କାର୍ଯ୍ୟକରି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି, ସେପ୍ଟେମ୍ବର ୧୭ ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସେବା ପକ୍ଷରେ ବିଭନ୍ନ ପ୍ରକାର ସେବା କାର୍ଯ୍ୟ କରାଯିବ। ପ୍ରଥମ ଦିନ ଓ ଏହାର ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୧୬,୧୭ରେ ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ନେଇ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଜୀବନୀ, ଉଦ୍ଦେଶ୍ୟ ଓ ଦେଶର ପ୍ରଗତିରେ ତାଙ୍କ ଯୋଗଦାନ ଉପରେ ଆଲୋଚନା କରାଯିବ। ଏନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ୍ୟ କାର୍ଯ୍ୟକ୍ରମ କରାଯିବ। ୧୭ ତାରିଖରେ ଜିଲାସ୍ତରରେ ମୋଦିଜୀଙ୍କ କର୍ତ୍ତୃତ୍ୱ ଏବଂ ନେତୃତ୍ୱକୁ ନେଇ ଭିଡିଓ ଏବଂ ଫଟୋଚିତ୍ର ପ୍ରଦର୍ଶନ କରାଯିବ। ୧୮ରୁ ୨୦ ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ତରଫରୁ ସମସ୍ତ ବିଧାନସଭା କ୍ଷେତ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ କୃଷକ ମୋର୍ଚ୍ଚା ତରଫରୁ ସମସ୍ତ ଶକ୍ତିକେନ୍ଦ୍ର ସ୍ତରରେ ପର୍ଯ୍ୟାବରଣ ଉପରେ ଗୁରୁତ୍ୱ ଦିଆଯାଇ "ମା' ପାଇଁ ଗଛଟିଏ" କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ସେପ୍ଟେମ୍ବର ୧୮ରୁ ୨୪ ଏବଂ ଅକ୍ଟୋବର ୨ ରେ ମଣ୍ଡଳସ୍ତରରେ ଦଳ ଓ ସ୍ୱଚ୍ଛ ଭାରତ ପ୍ରକୋଷ୍ଠ ତରଫରୁ ସମସ୍ତ ମନ୍ଦିର, ଧାର୍ମିକ ସ୍ଥଳ, ଜଳାଶୟ, ପୁଷ୍କରିଣୀ ଏବଂ ପାର୍କ ଆଦି ସ୍ଥାନରେ ସଫେଇ କରାଯିବ। ସେପ୍ଟେମ୍ବର ୨୦ରେ ଓବିସି ମୋର୍ଚ୍ଚା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ୨୧ରେ ଅନୁସୂଚିତଜାତି ଓ ଜନଜାତି ମୋର୍ଚ୍ଚା ପକ୍ଷରୁ ବ୍ଲକସ୍ତରରେ ବିଦ୍ୟାଳୟ ଏବଂ ଡାକ୍ତରଖାନା ପରିସରରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବ। ସେପ୍ଟେମ୍ବର ୨୩ରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ଏହି ଅବସରରେ ବିଧାନସଭା ସ୍ତରରେ ୭୦ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ।

# ପ୍ରତି ବ୍ଲକ ଓ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ସ୍ୱାଗତ ସପ୍ତାହ'

**ଭୁବନେଶ୍ୱର,୧୩।୯ (ମହାଭାରତ):** ମାର୍ଗଦର୍ଶିକା ଜାରି ହେଲା ଦିନରୁ ସାରା ଓଡ଼ିଶାରେ ସୁଭଦ୍ରା ଫର୍ମ ବିତରଣ ଓ ପଞ୍ଜିକରଣ ଜୋରସୋର ଆଗେଇ ଚାଲିଛି। ଲୋକମାନଙ୍କ ଉତ୍ସାହକୁ ଲକ୍ଷ୍ୟ କରି ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ବୈଠକ କରାଯାଇ 'ସୁଭଦ୍ରା' ଯୋଜନାର କାର୍ଯ୍ୟାନ୍ୱୟନକୁ




ବିଭିନ୍ନ ସ୍ତରରେ ତଦାରଖ କରାଯାଉଛି। ଆଜି (୧୧/୦୯/୨୦୨୪) ସନ୍ଧ୍ୟା ସୁଦ୍ଧା 'ସୁଭଦ୍ରା' ନିମନ୍ତେ ପଞ୍ଜିକରଣ ୪୫ ଲକ୍ଷରେ ପହଞ୍ଚି ସାରିଲାଣି। ଏହି ଯୋଜନା ସମ୍ବନ୍ଧୀୟ ଜନସଚେତନତା ସୃଷ୍ଟି କରିବା ପାଇଁ ଆଜିଠୁ ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପ୍ରତି ବ୍ଲକ ଓ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ସ୍ୱାଗତ ସପ୍ତାହ' ଅନୁଷ୍ଠିତ କରାଯିବ। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରର ସମସ୍ତ ଅଧିକାରୀ ସମେତ ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଏସ୍ଏଚ୍ଜି ସଦସ୍ୟା, ଆଶାକର୍ମୀମାନେ ଗାଁ ଗାଁରେ ସଭା ଅନୁଷ୍ଠିତ କରାଇ ଲୋକମାନଙ୍କୁ 'ସୁଭଦ୍ରା' ଯୋଜନା ସମ୍ବନ୍ଧରେ ସଚେତନ କରିବେ। ପ୍ରତି ଗ୍ରାମ ପଞ୍ଚାୟତରେ 'ପଥପ୍ରାନ୍ତ ନାଟକ' ସମେତ ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା ମାଧ୍ୟମରେ ସଚେତନ କରାଯିବ। ପ୍ରତି ଅଞ୍ଚଳର ସଫଳ ମହିଳାଙ୍କୁ 'ସୁଭଦ୍ରା ଅପା'ର ଆଖ୍ୟା ଦିଆଯିବା ସହ ସଫଳ ମହିଳାଙ୍କ କାହାଣୀକୁ 'ମୋ ସୁଭଦ୍ରା ଷ୍ଟୋରି' ଭାବେ ପ୍ରତିଷ୍ଠିତ କରାଯିବ।

## ରାଜ୍ୟର ବିଭିନ୍ନ ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଖୋଲାଯିବା ନେଇ ବୈଠକ

# ସୌରଚାଳିତ ଶୀତଳ ଭଣ୍ଡାରକୁ ଗୁରୁତ୍ୱ

**ଭୁବନେଶ୍ୱର,୧୩।୯ (ମହାଭାରତ):** ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ରାଜ୍ୟରେ ଶୀତଳ




ଭଣ୍ଡାର ଖୋଲିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଶୀତଳ ଭଣ୍ଡାର ସେବା ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇ ନିଜ ନିଜ ସଂସ୍ଥାର ସେବା ବିଷୟରେ ଉପସ୍ଥାପନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପ୍ରତି ସବଡିଭିଜନରେ ଶୀତଳ ଭଣ୍ଡାର ଖୋଲିବା ପ୍ରସ୍ତାବ ଦିଆଯିବା ପରିପ୍ରେକ୍ଷୀରେ କୃଷି ବିଭାଗ ଦ୍ୱାରା ଏହି ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି। ଏକ ବିଦ୍ୟୁତଚାଳିତ ଶୀତଳ ଭଣ୍ଡାର କମ୍ପାନୀ ଓ ଅନ୍ୟଟି ସୌରଚାଳିତ ଶୀତଳ ଭଣ୍ଡାର କମ୍ପାନି ନିଜର ସେବା, ଜ୍ଞାନକୌଶଳ, ଷ୍ଟୋରେଜ କାପାସିଟି, ଖର୍ଚ୍ଚ ଆକଳନ, ବିଶେଷତ୍ୱ ସମ୍ବନ୍ଧୀୟ ତଥ୍ୟ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଆଗରେ ଉପସ୍ଥାପନ କରିଥିଲେ। ସରକାର ତ୍ୱରାନ୍ୱିତ ଭାବେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେଇଛନ୍ତି ଏବଂ ଏଥି ନିମନ୍ତେ ସବ୍‌ସିଡି ମଧ୍ୟ ସଂପୃକ୍ତ ଉଦ୍ୟୋଗୀମାନଙ୍କୁ ଯୋଗାଇ ଦିଆଯାଉଛି। ଏହାର ସୁଯୋଗ ନେବା ପାଇଁ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ। ପିପିପି ମୋଡରେ ଶୀତଳ ଭଣ୍ଡାରଗୁଡ଼ିକ କାର୍ଯ୍ୟକ୍ଷମ ହେବ ଏବଂ ଏହାର ଅଧିକତମ ଫାଇଦା କୃଷକମାନେ ପାଇବା ଆବଶ୍ୟକ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ। ବିଭାଗୀୟ ଅଧିକାରୀଙ୍କ ଏକ ଦଳ ଏହିସବୁ ସଂସ୍ଥାମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ପରିଦର୍ଶନ କରି ବିଭାଗକୁ ତଥ୍ୟ ପ୍ରଦାନ କରିବେ ଏବଂ ଏହି ତଥ୍ୟ ଆଧାରରେ ବିଭାଗ ଆଗାମୀ ନିଷ୍ପତ୍ତି ନେବ ବୋଲି ଡ. ପାଢ଼ୀ କହିଥିଲେ।

ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ୍ କଲ୍ୟାଣ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅମୃତ ଭାକୁର' ମାଛକୁ ଲୋକାର୍ପିତ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ

**ଭୁବନେଶ୍ୱର,୧୩।୯ (ମହାଭାରତ):** ମତ୍ସ୍ୟ, ପଶୁ, ଗୋପାଳନ, ପଂଚାୟତରାଜ କେନ୍ଦ୍ରମନ୍ତ୍ରୀ ରାଜୀବ ରଂଜନ ସିଂହ ଏବଂ ମତ୍ସ୍ୟ, ଗୋପାଳନ ସଂଖ୍ୟାଲଘୁ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଅନ୍ କୌଶଲ୍ୟାଗଂଗସ୍ଥିତ କେନ୍ଦ୍ରୀୟ ମଧୁର ଜୀବ ପାଳନ ସଂସ୍ଥା (ସିଫା)କୁ ପରିଦର୍ଶନରେ ଆସିଥିଲେ। ଏହି ଗସ୍ତ ସମୟରେ ସିଫାରେ ଚାଲିଥିବା ବିଭିନ୍ନ ଗବେଷଣାମ୍ଲକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀମାନେ ସିଫା ପରିସରରେ ଥିବା ବିଭିନ୍ନ ଖାଦ୍ୟୋପଯୋଗୀ ମାଛର କିସମ ଯଥା ଜୟନ୍ତୀରୋହି, ଜିଆଇ ଚିଙ୍ଗୁଡ଼ି, ମାଗୁର, ଶାଳ, ଶେଉଳ, କଉ, ରଂଗୀନ ମାଛ, ମୋତି ଚାଷ, ବାୟୋଫ୍ଲକ୍, ଆକ୍ୱାପନିକ୍ ୟୁନିଟ୍‌କୁ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀଦ୍ୱୟ କୃଷକମାନଙ୍କ ସହ କୃଷିବିଜ୍ଞାନ କେନ୍ଦ୍ରରେ ଭାବବିନିମୟ କରିବା ସହ 'ଅମୃତ ଭାକୁର' ମାଛକୁ ଲୋକାର୍ପିତ କରିଥିଲେ ରାଜୀବ ରଞ୍ଜନ ସିଂ। ଆୟୋଜିତ ସଭାରେ ହିତାଧିକାରୀ ମାନଙ୍କୁ ଆହ୍ୱାନ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ ଯେ, ଉଚ୍ଚ ଗୁଣମାନର ମତ୍ସ୍ୟ



ଉତ୍ପାଦନ, ମୂଲ୍ୟ ସମିଶ୍ରଣ ଓ ରପ୍ତାନୀ ନିମନ୍ତେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଉତ୍ପାଦନ ଠାରୁ ଅଧିକ କିଛି ଆମକୁ ଦେଖିବାକୁ ପଡ଼ିବ ବୋଲି ଶ୍ରୀ ସିଂହ କହିଥିଲେ। ରଂଗୀନ ମାଛ ଚାଷ କ୍ଷେତ୍ରରେ ବିକାଶକୁ ଗୁରୁତ୍ୱ ଦେବା ସହିତ ମାଛଚାଷ ଷ୍ଟାଟ୍‌ଅପ୍ ଗୁଡ଼ିକ କେବଳ କର୍ମ ନିଯୁକ୍ତି ଯୋଗାଉ ନାହିଁ ବରଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ସେ କହିଥିଲେ।

# ନିମାପଡାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୩।୯ (ମହାଭାରତ):** ଗତକାଲି ବିଧାନସଭାର କାଯରୟକାଳ ଶେଷହେବା ପରେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା



ନିଜ ନିର୍ବାଚନମଣ୍ଡଳୀ ନିମାପଡା ଗସ୍ତ କରିଥିଲେ। ନିମାପଡାରେ ସୁଭଦ୍ରା ଯୋଜନାକୁ ନେଇ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଖୋଲାଜିପ୍‌ରେ ଏକ ବିଶାଳ ଶୋଭାଯାତ୍ରାରେ ବିରାଟ ଜନ ସମୁଦ୍ର ଦ୍ୱାରା ସ୍ୱାଗତ କରାଯାଇଥିଲା । ସୁଭଦ୍ରା ଯୋଜନାର କ୍ରିୟାନ୍ୱୟନର ବଡ଼ ଦାୟିତ୍ୱ ପ୍ରଭାତୀଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ହାତରେ ରହିଛି । ସୁଭଦ୍ରା ଯୋଜନାର ଶୁଭାରମ୍ଭକୁ ନେଇ ମା' ଏବଂ ଭଉଣୀଙ୍କ ମଧ୍ୟରେ ଅକୁଣ୍ଠ ଉତ୍ସାହ ଦେଖିବାକୁ ମିଳିଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କୁଅଁରପୁରର ଖେଲାର ବଜାରଠାରୁ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଯରୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ମା' ପାଇଁ ଗଛଟିଏ ଅଭିଯାନରେ ସାମିଲ ହୋଇଥିଲେ ଏବଂ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାଟିଏ ରୋପଣ କରିଥିଲେ। ପରେ ଶ୍ରୀମତୀ ପରିଡା ନିମାପଡ଼ା ବୁଦ୍ଧିଜୀବୀ ନାଗରିକ ମ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବା ସହ ଆତ୍ମୀୟ ସମ୍ବର୍ଦ୍ଧନା ପାଇଁ ନିମାପଡ଼ା ଅ ଳର ବୁଦ୍ଧିଜୀବୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରୀକ୍ଷାଗାର ବନ୍ଦ କଲେ ଆନ୍ଦୋଳନ ହେବ

**ଭୁବନେଶ୍ୱର,୧୩।୯ (ମହାଭାରତ):** ଭିଏସ୍ଏସ୍ ନଗରରେ ଥିବା ଭୁବନେଶ୍ୱରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଲାବରେଟୋରୀ ଟେକନିସିଆନ ଓ ସହାୟକଙ୍କୁ ସବୁ ଦିନ ପାଇଁ ବିଦା କରବା ପାଇଁ ଏକ ମାସିଆ ନୋଟିସ ଦିଆଯିବା ପରେ ଭି ଏସ୍ ଏସ୍ ନଗର ନଗରବାସୀଙ୍କ ପକ୍ଷରୁ ଆଜି ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ ଓ ଚିନ୍ତାମଣୀ ବାରିକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଶିତଳ ଚନ୍ଦ୍ର ମହାନ୍ତି ଓ ଶଶି ଭୂଷଣ ଦାସ ପ୍ରମୁଖ ଏକ ପ୍ରତିନିଧି ଦଳ ମହାନଗର ନିଗମର ଆୟୁକ୍ତ ରାଜେଶ ପ୍ରଭାକର ପାଟିଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଛନ୍ତି।

ଏହି ଡାକ୍ତରଖାନାରେ ପୁର୍ବ ଭଳି ସମସ୍ତ ପରୀକ୍ଷା ଚାଲୁ ରଖିବା ପାଇଁ ଦାବି କରିବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ପରୀକ୍ଷାଗାରରେ ଥିବା ଯନ୍ତ୍ରପାତି ଏଠାରୁ ଉଠାଇ ନେଇ ପରୀକ୍ଷାଗାର ବନ୍ଦ କରି ଦେଲେ ଏଠାରେ ଜନ ଆନ୍ଦୋଳନ ହେବ ବୋଲି ସୂଚନା ଦେଇଛନ୍ତି।

# 'ସ୍ୱଚ୍ଛତା ହିଁ ସେବା'ରେ ଯୋଡ଼ି ହେବେ ସମସ୍ତ ଆରଟିଓ

**ଭୁବନେଶ୍ୱର,୧୩।୯ (ମହାଭାରତ):** ସ୍ୱଚ୍ଛତାକୁ ନେଇ ହେବାକୁ ଯାଉଛି ୧୫ ଦିନବ୍ୟାପୀ ଅଭିଯାନ। ଏହି ଅଭିଯାନରେ ସକ୍ରିୟତାର ସହ ଭାଗ ନେବ ରାଜ୍ୟ ପରିବହନ ପ୍ରାଧିକରଣ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୧ ଯାଏଁ ସ୍ୱଚ୍ଛତା ହିଁ ସେବା ଅଭିଯାନ ହେବ। ଚଳିତ ଥରର ବିଷୟ ରହିଛି ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା। ଏହି ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ପ୍ରସ୍ତୁତି ଓ କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିବାକୁ ଆଜି ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥିରେ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାସହ ରାଜ୍ୟର ସମସ୍ତ ଆରଟିଓମାନେ ଭିଡିଓ କନଫରେନ୍ସିଂରେ ଯୋଡ଼ି ହୋଇଥିଲେ। ଏହି ଅଭିଯାନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଡ଼ି ହେବେ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ପରିବହନ ସେବା ସହ ସଂପର୍କିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବ। ରାଜ୍ୟ ପରିବହନ ପ୍ରାଧିକରଣ, କଟକ କାର୍ଯ୍ୟାଳୟ ସମେତ ରାଜ୍ୟବ୍ୟାପୀ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏହାର ଆଖପାଖ ଅଞ୍ଚଳ ସଫେଇ କରାଯିବ। ସ୍ୱଚ୍ଛତା ଓ ଏହାର



ଉପକାରିତା ସଂପର୍କରେ ସଚେତନ କରାଯିବ। ଦୈନନ୍ଦିନ ସଫେଇ କାର୍ଯ୍ୟରେ ଅବହେଳିତ ହୋଇ ରହିଯାଉଥିବା ସ୍ଥାନଗୁଡ଼ିକ ଚିହ୍ନଟ କରି ତାହାର ସଫେଇକୁ ଗୁରୁତ୍ୱ ଦିଆଯିବ। ରାଜପଥ କଡ଼, ବସଷ୍ଟପ୍, ରାସ୍ତାପାର୍ଶ୍ୱ ଢାବା, ଶୌଚାଳୟ ଆଦିରେ ସଫେଇ କରାଯିବ। ଏହାସହ ବୃକ୍ଷରୋପଣ, ସ୍ୱଚ୍ଛତା ଦୌଡ଼, ଶପଥପାଠ, ରାସ୍ତା ଓ ଫାଏଓଭରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଏହି ଅଭାଯାନର ପ୍ରାଧାନ୍ୟରେ ରହିବ। ଏଥିପାଇଁ ସମସ୍ତ ପ୍ରସ୍ତୁତିକୁ ଠିକଣା ଢଙ୍ଗରେ କରିବାକୁ ପରିବହନ ଆୟୁକ୍ତ ଅମିତାଭ ଠାକୁର ସମସ୍ତ ଅଧିକାରୀଙ୍କୁ କହିଛନ୍ତି। ଏହି ଅଭିଯାନରେ ସଫେଇ ମିତ୍ରଙ୍କ ସୁରକ୍ଷା ସମ୍ବନ୍ଧିତ ସଚେତନତାକୁ ମଧ୍ୟ ବ୍ୟାପକ କରାଯିବ। ବିଭିନ୍ନ କ୍ୟାମ୍ପ ଜରିଆରେ ସେମାନଙ୍କୁ ସରକାରୀ ଯୋଜନା ସଂପର୍କରେ ଅବଗତ କରାଯିବ। ସଡ଼କ ଦୁର୍ଘଟଣା ରୋକିବା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ସଂପର୍କରେ ଥିବା ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ସ୍ୱଚ୍ଛତାର ଅଭ୍ୟାସ କେବଳ ୧୫ ଦିନରେ ସୀମିତ ନରଖି କାର୍ଯ୍ୟାଳୟ ତଥା ଆଖପାଖରେ କିଭଳି ନିରନ୍ତର ଏହା କାର୍ଯ୍ୟକାରୀ ହେବ ସେ ସଂପର୍କରେ ସଚେତନତା ଓ ପଦକ୍ଷେପ ବୃଦ୍ଧି କରାଯିବ ବୋଲି ପରିବହନ ଆୟୁକ୍ତ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ ଆୟୁକ୍ତ ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତିରଂଜନ ପାତ୍ର, ଯୁଗ୍ମ ପରିବହନ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ଼ ପ୍ରାଙ୍ଗଣ ପୁନଃନିର୍ମାଣ

**ସମ୍ବଲପୁର,୧୩।୯ (ମହାଭାରତ):** ନିର୍ମାଣ ହେବାକୁ ଥିବା ନୂତନ ପ୍ଲାଟଫର୍ମ। ଟ୍ରେନ୍ ଗୁଡ଼ିକୁ ସୁଗମ କରିବା ଏବଂ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ରେଳ ଧାରଣା ଯୋଗ କରାଯିବ। ଟ୍ରେନ୍ ଗୁଡିକ ବର୍ତମାନ ସମ୍ବଲପୁରକୁ ସହଜରେ ଆସିପାରିବ ଏବଂ ନିକଟସ୍ଥ ଷ୍ଟେସନରେ ଅଟକ ରହିବ ନାହିଁ। ସାଢେ ଚାରିମାସ (୧୩୯ ଦିନ) ପାଇଁ ସମ୍ବଲପୁର ଷ୍ଟେସନ ନଯାଇ ନିକଟସ୍ଥ ସମ୍ବଲପୁର ସିଟି-ସରଲା ଷ୍ଟେସନ ମାର୍ଗ ଦେଇ ୫ ଯୋଡ଼ା ଟ୍ରେନର ଅସ୍ଥାୟୀ ମାର୍ଗ ପରିବର୍ତନ। ଦେଶର ପ୍ରମୁଖ ଷ୍ଟେସନଗୁଡିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳବାଇର ବୃହତ ଯୋଜନାର ଏକ ଅଂଶ ଭାବରେ ସମ୍ବଲପୁର ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ବର୍ତମାନ ଚାଲୁରହିଛି। ପୂର୍ବତଟ ରେଳପଥ ରେଳ ନେଟୱର୍କର ଏକ ପ୍ରମୁଖ ହବ୍ ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥର ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମଧ୍ୟରୁ ଆଞ୍ଚଳିକ ଲଜିଷ୍ଟିକ୍ ଏବଂ ଯାତ୍ରୀ ପରିବହନରେ ସମ୍ବଲପୁର ରେଳ ଷ୍ଟେସନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆଧୁନିକୀକରଣ ପ୍ରକଳ୍ପ କେବଳ ଷ୍ଟେସନର ପରିଚାଳନା କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଯାତ୍ରୀ ଏବଂ ପଣ୍ୟ ଯାତାୟାତ ପାଇଁ ଅଧିକ ଶୃଙ୍ଖଳିତ, ଦକ୍ଷ ରେଳ ସେବା ସୁନିଶ୍ଚିତ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ସମାପ୍ତ ହେବା ପରେ ଯାତ୍ରୀମାନେ ସହଜ ଟ୍ରେନ୍ ଚଳାଚଳ, ଅପେକ୍ଷା ସମୟ ହ୍ରାସ ଏବଂ ସାମଗ୍ରିକ ସେବା ଗୁଣବତା ବୃଦ୍ଧି ଆଶା କରିପାରନ୍ତି । ଏହି ବିସ୍ତୃତ ୟାର୍ଡ ରିମଡେଲିଙ୍ଗ କାର୍ଯ୍ୟରେ ବେ-ଲାଇନ୍, ଲୋକୋ ରିଭର୍ସାଲ୍ ଲାଇନ୍ ଏବଂ ଇନ୍ସପେକ୍ସନ କ୍ୟାରେଜ ସାଇଡିଂ ସ୍ଥାନାନ୍ତରିତ ହେବ । ଏହି ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ଭାବରେ ବେ-ଲାଇନ୍‌କୁ ଏକ ପୂର୍ଣ୍ଣ ଦୈର୍ଘ୍ୟ ବିଶିଷ୍ଟ ପ୍ଲାଟଫର୍ମ ଭାବରେ ସମ୍ପ୍ରସାରଣ କରାଯିବ। ଏହି ପ୍ରକଳ୍ପକୁ ୪.୫ ମାସ (୧୩୯ ଦିନ) ସମୟ ଲାଗିବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଚାହିଦା, ଆଂଚଳିକ ବିକାଶ ଏବଂ ଜାତୀୟ ଲଜିଷ୍ଟିକ୍ ଆବଶ୍ୟକତା ଅନୁଯାୟୀ ଭିତିଭୂମି ନବୀକରଣ ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ରହିଛି। ପୁନଃନିର୍ମାଣ କାର୍ଯ୍ୟର ମୁଖ୍ୟ ବୈଶିଷ୍ଟ୍ୟ : ନୂତନ ପ୍ଲାଟଫର୍ମର ଯୋଗ: ଅଧିକ ଟ୍ରେନ୍ ଏବଂ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଷ୍ଟେସନର କ୍ଷମତାକୁ ବୃଦ୍ଧି କରାଯାଇ ଦୁଇଟି ନୂତନ ପ୍ଲାଟଫର୍ମ ନିର୍ମାଣ କରାଯିବ। ସହଜ ଟ୍ରେନ ପରିଚାଳନା ପାଇଁ ଅତିରିକ୍ତ ଲାଇନ୍: ଟ୍ରେନର ସହଜ ଚଳାଚଳ ଏବଂ ନିୟନ୍ତ୍ରଣକୁ ସୁଗମ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସମୟାନୁବର୍ତିତାକୁ ବୃଦ୍ଧି କରାଇବା ପାଇଁ ଅତିରିକ୍ତ ଲାଇନଗୁଡ଼ିକ ଯୋଡାଯାଉଛି। ଉନ୍ନତ ଟ୍ରେନ୍ ଚଳାଚଳ: ଏହି କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନ୍ ଗୁଡିକ ନିକଟସ୍ଥ ଷ୍ଟେସନଗୁଡିକରେ ଅଟକି ନରହି ସମ୍ବଲପୁର ଷ୍ଟେସନରେ ସୁଗମ ଭାବରେ ପ୍ରବେଶ କରିପାରିବେ। ଅସ୍ଥାୟୀ ମାର୍ଗ ପରିବର୍ତନ: ୟାର୍ଡ଼ର ପୁନଃନିର୍ମାଣ କାର୍ଯ୍ୟ ପାଇଁ କିଛି ଟ୍ରେନ୍ ସେବା ସାମୟିକ ଭାବରେ ପ୍ରଭାବିତ ହେବ। ସମ୍ବଲପୁର ଷ୍ଟେସନକୁ ନଆସି ପାଞ୍ଚ ଯୋଡା ଟ୍ରେନ୍ ସମ୍ବଲପୁର ସିଟି ଷ୍ଟେସନ-ସରଲା ଷ୍ଟେସନ ମାର୍ଗ ଦେଇ ମାର୍ଗ ପରିବର୍ତନ କରି ସାମୟିକ ଭାବେ ଚଳାଚଳ କରିବ।

# ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଭୁବନେଶ୍ୱର,୧୩।୯ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦ୍ଦିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ର କଂଗ୍ରେସ ପକ୍ଷରୁ ନବନିର୍ବାଚିତ ସଭାପତି ଉଦ୍ଦିତ ପ୍ରଧାନ ଏବଂ ଓଡ଼ିଶା ପ୍ରଭାରୀ ଶ୍ରୀ ଚୁନ୍ନୁ ସିଂଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଲୋକସଭାର ବିରୋଧି ଦଳ ନେତା ସମ୍ମାନନୀୟ ରାହୁଲ ଗାନ୍ଧୀଙ୍କ ଅତୁଲ୍ୟ ନେତୃତ୍ୱ ଏବଂ ସମ୍ବିଧାନ ସୁରକ୍ଷା ସଂଗ୍ରାମକୁ କାର୍ଯ୍ୟକାରିଣୀ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ଓଡ଼ିଶା ପ୍ରଭାରୀ ଶ୍ରୀ ଚୁନ୍ନୁ ସିଂ କହିଥିଲେ ଯେ ଉଭୟ ବିଜେଡ଼ି ଓ ବିଜେପି ସରକାର ଓଡ଼ିଶାରେ ଛାତ୍ରମାନଙ୍କର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି।

ସେହିଭଳି ନୂଆ ବିଜେପି ସରକାର ତାଙ୍କର କାର୍ଯ୍ୟକ୍ରମରେ ଶିକ୍ଷା ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଉନ୍ନତି ପାଇଁ ପ୍ରାଧାନ୍ୟ ଦେଇ ନାହାନ୍ତି। ନୂତନ ସରକାର ବିଜେଡ଼ି ସରକାରକୁ ଅନୁସରଣ କରି ଏ ବର୍ଷ ନିର୍ବାଚନ ବନ୍ଦ କରିଦେଲେ। ଏହାଦ୍ୱାରା ସାରା ରାଜ୍ୟରେ ଛାତ୍ରମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି। ବିଶେଷ କରି ରାଜ୍ୟର ସମସ୍ତ ସରକାରୀ ଏବଂ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ଏବଂ ବିଶ୍ୱ ବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କରାଯିବା ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳାତ୍ମକ କାର୍ଯ୍ୟକ୍ରମ କରିବ। ଜୟପୁରୁ ବିଧାୟକ ତାରା ପ୍ରସାଦ ବାହିନପତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସରକାରଙ୍କର ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନ କହିଥିଲେ ଯେ ଛାତ୍ର କଂଗ୍ରେସ ର୍‍ୟାଗିଙ୍ଗ ଓ ନିଶାମୁକ୍ତ ମୁକ୍ତ କ୍ୟାମ୍ପସ ପାଇଁ ଅଧିକ ଧ୍ୟାନ ଦେବ। ଶିକ୍ଷାନୁଷ୍ଠାନର ଭିତିଭୂମି ନିର୍ମାଣରେ ସରକାରୀ ଅନୁଦାନର ଦୁର୍ନୀତିକୁ ଦୃଢ଼ ପ୍ରତିବାଦ କରିବ। ଅଣଛାତ୍ର କିପରି କ୍ୟାମ୍ପସରେ ପ୍ରବେଶ କରିପାରିବେ ନାହିଁ ସେଥିପାଇଁ ଆନ୍ଦୋଳନ କରିବ।

# ଯୁବ ନେତାଙ୍କ ଅଭାବ

କଂଗ୍ରେସ ଦଳରେ ଉଦୀୟମାନ ଯୁବ ନେତାଙ୍କ ଅଭାବ ଅନୁଭବ କରାଯାଉଛି। ଯେଉଁ କିଛି ହାତ ଗଣତି ଯୁବ ନେତା ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ପାରିବାରିକ ସମ୍ପର୍କରୁ ରାଜନୀତିକୁ ଆସିଛନ୍ତି। ସଂଘର୍ଷ କରି କେହି ଦଳରେ ନିଜ ସ୍ଥିତି ସୁଦୃଢ଼ କରି ନାହାଁନ୍ତି। ତେଣୁ ଆଗାମୀ ଦିନରେ ଯିଏ ବି ପିସିସ ସଭାପତି ହେବ ସେ ଷ୍ଟିୟରିଂ କମିଟିର ସଦସ୍ୟ ଅର୍ଥାତ ଜନତାଙ୍କ ଦ୍ୱାରା ବାରମ୍ବାର ପ୍ରତ୍ୟାଖ୍ୟାତ ହୋଇଥିବା ନେତାଙ୍କ ମଧ୍ୟରୁ ଜଣେ ହେବ। ଏଭଳି ପରିସ୍ଥିତିରେ ରାଜ୍ୟରେ କଂଗ୍ରେସର ପୁନରୁଦ୍ଧାର ଆଶା କ୍ଷୀଣ। ବିଜେଡି ଓ ବିଜେପିର ପତନରୁ ସୁଯୋଗ ନେବାକୁ କଂଗ୍ରେସ ଅପେକ୍ଷା କରିଛି। ଲୋକସଭା ଏବଂ ବିଧାନସଭା ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ ଶୋଚନୀୟ ଭାବେ ପରାଜିତ ହେବା ପରେ ଦଳରେ ବ୍ୟାପକ ପରିବର୍ତ୍ତନ ସୁନିଶ୍ଚିତ ଥିଲା। ଅବଶ୍ୟ ନିର୍ବାଚନରେ ପରାଜୟ ପରେ ପିସିସି ସଭାପତି ଶରତ ପଟ୍ଟନାୟକ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇନଥିଲେ। କିନ୍ତୁ ପିସିସି ନେତୃତ୍ୱ ପରିବର୍ତ୍ତନ ସୁନିଶ୍ଚିତ ଥିଲା। ତେବେ ଏତେ ଶୀଘ୍ର ପରିବର୍ତ୍ତନ ହେବ ବୋଲି ଆଶା ନଥିଲା। ପୂର୍ବରୁ ଯେତେଥର କଂଗ୍ରେସ ନିର୍ବାଚନ ହାରିଛି ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି ସତ, ମାତ୍ର ଏଥିରେ ଅନେକ ବିଳମ୍ବ ହୋଇଛି। ଏଥର କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦେଢ଼ମାସରେ ପରିବର୍ତ୍ତନ ହେଲା। ପିସିସି, ଡିସିସି ସମେତ ସମସ୍ତ କମିଟିକୁ ଏଆଇସିସି ସଭାପତିଙ୍କ ଅନୁମୋଦନ କ୍ରମେ ଭାଙ୍ଗି ଦିଆଯାଇଛି। ଖୁବ ଶୀଘ୍ର ନୂଆ ସଭାପତି ଚୟନ ଏବଂ ବିଭିନ୍ନ ସଙ୍ଗଠନର ପୁନର୍ଗଠନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ଏକ ପାରମ୍ପରିକ ପ୍ରକ୍ରିୟା। କିନ୍ତୁ ଏହଦ୍ୱାରା କ'ଣ ଲାଭ ହେବ ତାହା ବଡ଼ ପ୍ରଶ୍ନ। ନିର୍ବାଚନର ଯଥେଷ୍ଟ ପୂର୍ବରୁ ପୂର୍ବତନ ସାଂସଦ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ପୂର୍ବରୁ ମଧ୍ୟ ପିସିସି ସଭାପତି ଥିଲେ ଏବଂ ତାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନରେ ପରାଜିତ ହୋଇଥିଲା। କିନ୍ତୁ ତାଙ୍କୁ ପୁନର୍ବାର ସଭାପତି କରାଗଲା। ଆଶା କରାଯାଉଥିଲା ଯେ, ସେ ଆଉ ଟିକେ ପରିପକ୍ୱ ଏବଂ ଅଭିଜ୍ଞ ହୋଇଥିବାରୁ ଏଥର ତାଙ୍କ ନେତୃତ୍ୱରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ତା ଛଡ଼ା ସେ ଜଣେ ନିର୍ବିବାଦୀୟ ଏବଂ ସ୍ୱଚ୍ଛ ଭାବମୂର୍ତ୍ତୀ ସମ୍ପନ୍ନ ନେତା। ପଶ୍ଚିମ ଓଡ଼ିଶାରେ କଂଗ୍ରେସ ପୁନର୍ବାର ଟ୍ରାକକୁ ଫେରିବାକୁ ପ୍ରୟାସ କରୁଛି। ତେଣୁ ତାଙ୍କ ପୁନର୍ବାର ପିସିସି ନେତୃତ୍ୱ ହସ୍ତାନ୍ତରିତ କରାଯାଇଥିଲା। କିନ୍ତୁ ତାଙ୍କୁ ଦଳରେ କେହି ସହଯୋଗ କଲେ ନାହିଁ। ଦଳର ବରିଷ୍ଠ ନେତାମାନେ ତାଙ୍କୁ ମଇଦାନରେ ଏକୁଟିଆ ଲଢ଼ିବାକୁ ଛାଡ଼ିଦେଲେ। ତେଣୁ ସ୍ୱାଭାବିକ ଭାବେ ସେ ପରାଜିତ ହେଲେ। ଅବଶ୍ୟ କଂଗ୍ରେସର ପରାଜୟ ନିମନ୍ତେ କେବଳ ପିସିସି ସଭାପତିଙ୍କୁ ଦାୟୀ କରାଯିବା ଅନୁଚିତ। ବରଂ ଗୋଟିଏ ବାକ୍ୟରେ କହିଲେ ସେ ନିର୍ବାଚନୀ ପରାଜୟ ନିମନ୍ତେ ଆଦୌ ଦାୟୀ ନୁହଁନ୍ତି। କଂଗ୍ରେସ ଏକ ଜାତୀୟ ଦଳ। ଏହାର ଜାତୀୟ ନେତାଙ୍କୁ ଦେଖି ଲୋକେ ଭୋଟ ଦିଅନ୍ତି। କଂଗ୍ରେସର ସର୍ବୋଚ୍ଚ ନେତା ତଥା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ଥିଲେ ଦଳର ଷ୍ଟାର ପ୍ରଚାରକ। କିନ୍ତୁ ନିର୍ବାଚନରେ ଓଡ଼ିଶାବାସୀ ତାଙ୍କୁ ଗ୍ରହଣ କଲେ ନାହିଁ। ଅନେକ ରାଜ୍ୟରେ କଂଗ୍ରେସ ଏହି କାରଣରୁ ହାରିଲା। ଦଳର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ କେବଳ ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କର ନିଜସ୍ୱ ନିଷ୍ପତ୍ତି ନେବାର କ୍ଷମତା ବା ସାମର୍ଥ୍ୟ ନାହିଁ। ରହୁଲ, ପ୍ରିୟଙ୍କା, ସୋନିଆଙ୍କ ବିନା ଅନୁମୋଦନରେ ସେ ଗୋଟିଏ ଶବ୍ଦ ଉଚ୍ଚାରଣ କରିପାରିବେ ନାହିଁ। ନିର୍ବାଚନରେ ସମ୍ଭାବ୍ୟ ପରାଜୟ ନିମନ୍ତେ ତାଙ୍କୁ ଦାୟୀ କରିବା ଲାଗି ଏଆଇସିସି ସଭାପତି କରାଯାଇଥିଲା। ସେ କେବଳ ବଳିର ବୋଦା ଥିଲେ। ଯଦି କଂଗ୍ରେସ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥାଆନ୍ତା ତେବେ ଖାର୍ଗେ ପ୍ରଧାନମନ୍ତ୍ରୀ ହୋଇନଥାନ୍ତେ।

> “ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରି ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି। ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ
ଦୂରଭାଷ : ୭୪୮୮୯୯୮୫୩୨

# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା। ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ। ୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଢୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।

ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା

# ବଢୁଛି ହାଇପୋର୍ଥେମିଆ

॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଷ୍ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ।

ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ।

ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ୍ୟ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ୍ୟ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।

ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଦୁଇ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ, ଅନ୍ୟଜଣେ ଗୁରୁତର

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା କୋଟିନାଡ଼ା ଥାନା ଅନ୍ତର୍ଗତ କଲେଜ ଛକ ଡ଼ି ପଲ ସ୍କୁଲ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣା ରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ତେବେ ମୃତ ବ୍ୟକ୍ତି ଜଣକ ହେଲେ ଆସିକା ସୁନାମ୍ଭ ସାହିର ବି ପ୍ରସନ୍ତ କୁମାର ପାତ୍ର ହୋଇଥିବା ବେଳେ ଗୁରୁତର ଯୁବକ ବେଣିଆ ଗ୍ରାମର ଶିବରାମ ଲେଙ୍କା ହୋଇଥିବା ଜଣାପଡିଛି । ସୂଚନା ମୁତାବକ ବି ପ୍ରସନ୍ନ କୁମାର ପାତ୍ର ନିଜ ସି ଡି ଡୀଲକ୍ସ ବାଇକ ନମ୍ବର ଓ ଡି ୦୭ପି ୭୨୩୧ରେ ଆସିକାରୁ ସୁନ୍ଦରିଆପଡା ଯାଉଥିବା ସମୟରେ ବିପରୀତ ଦିଗରୁ ଶିବରାମ ବଜାଜ ପଲସର ବାଇକ ନମ୍ବର ଓ ଡି ୦୭ ଏ ଆର ୨୫୫୬ ଯୋଗେ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ଡି ପଲ ସ୍କୁଲ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ରେ ଉଭୟ ବାଇକ ଚାଳକ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଭୟ ଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଏଠାରେ ଡାକ୍ତର ପ୍ରସନ୍ନଙ୍କ ମୃତ୍ୟୁ ଘୋଷଣା କରିଥିବା ବେଳେ ଶିବରାମ ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା ।ଏନେଇ ମୃତ ପ୍ରସନ୍ତ ଙ୍କ ଭାଇ ବି.ପ୍ରଦୀପ ପାତ୍ର କୋଟିନଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ଥାନା କେସ ନମ୍ବର ୨୮୧/୨୪ ପ୍ରକାରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଅଧା ପନ୍ତରିଆ ହୋଇ ପଡିରହିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା



କେନ୍ଦ୍ରାପଡ଼ା,(ମହାଭାରତ):: ତରାଣ୍ଡୋ ଭାୟା ବଉଳବିହାର ଖଇରବାଦ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ୧୧/୧୦/୨୦୨୨ରେ ଫଳକ ଲଗାଇବା ଏକବର୍ଷ ପରେ କାମ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମଧ ଶେଷ ହୋଇପାରିଲା ନାହିଁ । ଯଦି ସରକାରୀ ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟର ଅବଧି ୧୦/୧୦/୨୦୨୭ ପର୍ଯ୍ୟନ୍ତ ଚାଲୁ ରହିଛି । କିନ୍ତୁ ଯେଉଁଠି ଆବଶ୍ୟକ ସେଠାରେ କାର୍ଯ୍ୟ ନକରି ଅନ୍ୟସ୍ଥାନରେ ଅତି ନିମ୍ନମାନର କାର୍ଯ୍ୟ କରି ବିଲ ହାତେଇବାରେ ଚକ୍ରାନ୍ତ କରୁଛନ୍ତି ଠିକାଦାର । କାରଣ କପାଳେଶ୍ୱର ପଞ୍ଚାୟତ ହରିଜନ ବସ୍ତି ଦେଇ ଯାଇଥିବା ଜଉ ରୋଡ଼ ସମ୍ପୂର୍ଣ୍ଣ ଭାବେ ବର୍ଷାଜଳରେ କୃତ୍ରିମ ବନ୍ୟ ଦେଖିବାକୁ ମିଳିଛି । ରାସ୍ତା ସମ୍ପୂର୍ଣ୍ଣ ଭାବେ ବୁଡ଼ିଯାଇଛି । ଯାହାଦ୍ୱାରା ଲୋକେ ଗମନାଗମନ କରିବା ପାଇଁ ବହୁ ସମସ୍ୟର ସମ୍ମୁଖୀନ ହେଉଛନ୍ତି । ରାତି ପାହିଲେ ହରିଜନ ବସ୍ତିର ଲୋକେ ବିଲବାଡ଼ିଠାରୁ ଆରମ୍ଭ କରି ବେପାର ବାଣିଜ୍ୟ ପର୍ଯ୍ୟନ୍ତ ଏହି ରାସ୍ତାଦେଇ ଗମନାଗମନ କରିଥାନ୍ତି । କିନ୍ତୁ ରାସ୍ତା କାମକୁ ଅଧା ପନ୍ତରିଆ କାମ କରି ଏସି ଗାଡ଼ିରେ ବୁଲୁଛନ୍ତି ଠିକାଦାର ବାବୁ । ଠିକାଦାର ଜଣକ କୋଟି କୋଟି ଟଙ୍କାର କାମ କରୁଥିବା ବେଳେ ସରକାରୀ ବାବୁମାନଙ୍କୁ ନିଜ ଅର୍ଥ ବଳରେ ଚୁପକରି ରଖିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏହି ଟାଇଲ ଯେତିକି ବି ହୋଇଛି ଅତି ନିମ୍ନମାନର ହୋଇଥିବାର ଲୋକେ ଅଭିଯୋଗ କରିଛନ୍ତି । କାମକୁ ଦେଖିବା ପାଇଁ ନା ଜେଇ ଥିଲେ ନା କେହି ଅନ୍ୟ କର୍ମଚାରୀ । ମନ ମୋତାଣିଆ ହୋଇଛି ଏହି ସଡ଼କ କାର୍ଯ୍ୟ । ସବୁଠାରୁ ଦୁର୍ଭାଗ୍ୟର ବିଷୟ କପାଳେଶ୍ୱର ହରିଜନ ସାହି ରାସ୍ତା କାମ ହୋଇ ପାରିନଥିବାରୁ ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀମାନେ ହେଲେ ଫକୀର ମଲ୍ଲିକ, ଅକ୍ଷୟ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ରଘୁନାଥ ମଲ୍ଲିକ, କୁନିଆ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଅର୍ଜୁନ ମଲ୍ଲିକ, ସୁନାକାର ମଲ୍ଲିକ, କାଶୀନାଥ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଧନେଶ୍ୱର ମଲ୍ଲିକ, ଗୁରୁଚରଣ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ୫କିଲୋମିଟର ବ୍ୟାପୀ ତାଳମି ରୋପଣ

କେନ୍ଦ୍ରାପଡା (ମହାଭାରତ): କେନ୍ଦ୍ରାପଡାର ଅଗ୍ରଣୀ ବିନା ସରକାରୀ ସହାୟତାରେ ଗଢିଉଠିଥିବା 'ମୁଡ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ନିକିରାଇ ମଠସାହିସ୍ଥିତ ୮ ନମ୍ବର ଶାଖା କେନାଲର ଦୁଇ ପାର୍ଶ୍ୱରେ ୫କିଲୋମିଟର ବ୍ୟାପୀ ତାଳମି ମୁଡ୍‌ର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପୌରୋହିତ୍ୟରେ ରୋପଣ କରାଯାଇଛି । ମୁଡ୍‌ର ସମ୍ପାଦକ କୁଳମଣି ଗୋଚ୍ଛାୟତଙ୍କ ସଂଯୋଜନା ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳମି ସଂଗ୍ରହ, ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀର ହନୁମାନଜୀଉ ମହାବିଦ୍ୟାଳୟର ସମାଜ ବିଜ୍ଞାନର ମୁଖ୍ୟ ଅଧାପକ ଡଃ ହିମାଂଶୁଭୂଷଣ ପରିଡା, ସମାଜସେବୀ ରଘୁନାଥ ରାଉତ, ସୌରଭ ମହାନ୍ତି, ବାନାମ୍ବର ଦାସ, କେଶବ ଗୋଚ୍ଛାୟତ, କେଶବ ଦାସ, ରତ୍ନାକର ଜେନା ପ୍ରମୁଖ ଯୋଗଦାନ କରି ତାଳଗଛର ଉପାଦେୟତା ସମ୍ପର୍କରେ ଆଲୋକପାତ କରି ତାଳମି ରୋପଣ କରିଥିଲେ । କେନ୍ଦ୍ର ସରକାରଙ୍କ ଆହ୍ୱାନ ମା' ପାଇଁ ଗଛଟିଏ ଓ ରାଜ୍ୟ ସରକାରଙ୍କ ତାଳମି ରୋପଣ ଆହ୍ୱାନକୁ ପାଥେୟ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମୁଡ୍' ନିର'ର କାର୍ଯ୍ୟ କରିଆସିଛି । ନିକଟରେ ବୀର ହନୁମାନଜୀଉ କଲେଜରେ ୫ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା କରାଯାଇଥିଲା । ବଜ୍ରପାତରୁ ରକ୍ଷା ପାଇବାକୁ ହେଲେ ଏକମାତ୍ର ତାଳଗଛ ଯେକି ହାଇ କଣ୍ଡକ୍ଟର୍ କାମ କରେ ଆଉ ଆର୍ଥିଂ ଭଳି ବଜ୍ରପାତକୁ ନିୟନ୍ତ୍ରଣ କରିଥାଏ ।

## ପାରାଦୀପ ପୋର୍ଟ ୱ୍ୱାର୍କର୍ସ ୟୁନିୟନ ର ନୂତନ ସଭାପତି ସାଂସଦ ବିଭୁ ତରାଇ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ପାରାଦ୍ୱୀପ (ମହାଭାରତ): ପାରାଦୀପ ପୋର୍ଟ ୱ୍ୱାର୍କର୍ସ ୟୁନିୟନ ଓ ପାରାଦୀପ ଡ଼କ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱ୍ୱାର୍କର୍ସ ୟୁନିୟନର ନବ ନିର୍ବାଚିତ ସଭାପତି ତଥା ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଅଛି । ବୁଧବାର ଅପରାହ୍ନ ୪ ଘଟିକା ସମୟରେ ଅଠରବାଙ୍କି ଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ୟୁନିୟନର ସଭ୍ୟମାନେ ନୂଆ ସଭାପତି ଙ୍କୁ ପାରାଦ୍ୱୀପ ପରିକ୍ରମା କରାଇ ବଡ଼ପଡ଼ିଆ ସ୍ଥିତ ୟୁନିୟନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଭା ମଣ୍ଡପ ନିକଟରେ ପହଞ୍ଚିଥିଲା । ୟୁନିୟନ ଅଫିସ୍ ସମ୍ମୁଖରେ ନବ ନିର୍ବାଚିତ ସଭାପତି ଶ୍ରୀ ତରାଇ ଏଚଏମଏସ ପତାକା ଉତ୍ତୋଳନ କରିଥିଲେ । ସଭା ମଞ୍ଚରେ ନୂତନ ସଭାପତି ବିଭୂ ପ୍ରସାଦ ତରାଇ, ପୂର୍ବତନ ସଭାପତି ତଥା ୟୁନିୟନ ର ଉପଦେଷ୍ଟା ପଞ୍ଚାନନ କାନୁନ୍ଗୋ, ପାରାଦ୍ୱୀପ ପୋର୍ଟ ୱ୍ୱାର୍କସ୍ ୟୁନିୟନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ପାରାଦ୍ୱୀପ ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱ୍ୱାର୍କସ୍ ୟୁନିୟନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ ।ଭାରତ ସରକାରଙ୍କ ଶ୍ରମନିତି ଅନୁସାରେ ଶ୍ରମିକ ମାନଙ୍କୁ ଯେତିକି ମାତ୍ରାରେ ସୁବିଧା ସୁଯୋଗ ଓ ପ୍ରାପ୍ୟ ମିଳିବା କଥା ତାହା ମିଳୁନଥିବା ଏବଂ ବିଭିନ୍ନ ସଂସ୍ଥା ଉକ୍ତ ଶ୍ରମ ନୀତି ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟତିକ୍ରମ କରୁଛନ୍ତି । ଏଣୁ ପାରାଦ୍ୱୀପ ଅ□ଳରେ କାର୍ଯ୍ୟରତ ବନ୍ଦରର ସ୍ଥାୟୀ କର୍ମଚାରୀ ଓ ବିଭିନ୍ନ ଶ୍ରମିକ ଉକ୍ତ ଶ୍ରମନୀତି ଖିଲାପର ଶିକାର ହେଉଛନ୍ତି । ଉକ୍ତ ବିଷୟକୁ ବିଚାର କୁ ନେଇ ନୂତନ ସଭାପତି ଡ଼ଃ. ବିଭୁପ୍ରସାଦ ତରାଇ ବନ୍ଦର କର୍ତ୍ତୃପକ୍ଷ ତଥା କମ୍ପାନୀ ମାନଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ନିଷ୍ପତି ନେଇଥିବା ନିଜ ବକ୍ତବ୍ୟରେ କହିଥିଲେ । ଉକ୍ତ ବିଚାରଧାରା କୁ ସାକାର କରିବା ପାଇଁ ସଭାପତି ସମସ୍ତ କର୍ମଚାରୀ, ବନ୍ଦର କର୍ତ୍ତୃପକ୍ଷ ଓ କମ୍ପାନୀ ମାନଙ୍କର ସହଯୋଗ କାମନା କରିଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ୍ତନ ଶିକ୍ଷା ପରିଦର୍ଶକ ମହମ୍ମଦ ଫଜଲପେରିଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା, (ମହାଭାରତ): ପ୍ରାକ୍ତନ ପ୍ରଧାନଶିକ୍ଷକ ଜଣେ ସୁନାମଧନ୍ୟ ଆଦର୍ଶ ଶିକ୍ଷା ପରିଦର୍ଶକ, ସ୍ନେହପ୍ରିୟ ସମାଜସେବୀ, ଆଧାତ୍ମିକ ଚେତନାର ବଳିଷ୍ଠ ବ୍ୟକ୍ତିତ୍ୱ ସ୍ୱର୍ଗତ ଫଜଲ ପେରୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ଓ ଶୋକସଭା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ତରଫରୁ ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱ ଓ ସମ୍ପାଦକ ନରୋତ୍ତମ ଜେନାଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ୨ମିନିଟ୍ ଆଧାତ୍ମିକ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରାଯାଇଥିଲା । ସଂଗଠନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ତଥା ବରିଷ୍ଠ ନେତୃତ୍ୱ ମନ୍ମଥ କୁମାର ରାୟ ସ୍ୱର୍ଗତ ଫଜଲ ପେରୀଙ୍କ ସରଳ ବ୍ୟକ୍ତିତ୍ୱ, ଶିକ୍ଷାଦାନ ଓ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ଓ ସମାଜ ସେୟରେ ତାଙ୍କ ବଳିଷ୍ଠ ସଂପୃକ୍ତି ବିଷୟରେ ଆଲୋକପାତ କରିଥିଲେ ।

## ହୋ ଭାଷା କୁ ଦ୍ୱିତୀୟ ରାଜ ଭାଷା ଓ ସାମ୍ବିଧାନିକ ଶିକୃତି ପାଇଁ ଦାବି

କରଞ୍ଜିଆ,(ମହାଭାରତ) ହୋ ଏକ ସତନ୍ତ୍ର ଭାଷା ଓ ଏହାର ନିଜର ଲିପି ଉରାଙ୍ଗଚିତି ରହିଛି ।ହୋ ଭାଷା ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟ ରେ ଭାଷା ର ବହୁଳ ବେବହାର ଥିବାରୁ ସାମ୍ବିଧାନିକ ସିକୃତୀ ଦେଇ ସମ୍ବିଧାନ ର ଅଷ୍ଟମ ଅନୁଛେଦ ରେ ସ୍ଥାନ ଦେବାକୁ ଦାବି କରାଯାଇଛି । ଏଥିସହିତ ହୋ ଭାଷା କୁ ଓଡ଼ିଶାରେ ଦ୍ୱିତୀୟ ରାଜ ଭାଷା ମାନ୍ୟତା ଦେବାକୁ ଦାବି କରି ହୋ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧେଶ୍ୟରେ ବିଡ଼ିଓ କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅଲ ଇଣ୍ଡିଆ ହୋ ଲାଙ୍ଗୁଏଜ କମିଟି ଓ ହୋ ଛାତ୍ର ସଂଗଠନ ତରଫରୁ ଏ ବିଡ଼ିଓ ଟଙ୍କଧର ମହାନ୍ତ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ହୋ ଭାଷା ଓଡ଼ିଶା ର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର,ଭଦ୍ରକ,ଯାଜପୁର,କଟକ ଭୁବନେଶ୍ୱର,ସୁନ୍ଦରଗଡ଼,ଅନୁଗୁଳ,ଢେଙ୍କାନାଳ, ଜିଲ୍ଲାରେ ବହୁଳ ବେବହୃତ ହେଉଛି । ସରକାର ଭାଷା ର ବିକାଶ ପାଇଁ ୩୦୦ ପ୍ରାଥମିକ ବିଦ୍ୟାଳୟ ରେ ବହୁଭାଷୀ ହୋ ଶିକ୍ଷକ ନିଯୁକ୍ତି ଦେଇଛନ୍ତି । ହୋ ଭାଷାରେ ଶିକ୍ଷାଦାନ ପାଇଁ ୫୦୦ ବିଦ୍ୟାଳୟ ରେ ଶିକ୍ଷକ ନିଯୁକ୍ତି ଦାବିକରିଛନ୍ତି । ହୋ ଭାଷାରେ ଶିକ୍ଷାଦାନ ପାଇଁ ଶତନ୍ତ୍ର ଭାବେ ଅରୁଣିମା ପୁସ୍ତକ କରାଯାଉ । ସେହିପରି ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ପାଠ୍ୟ ଖସଡ଼ା ଓ ପୁସ୍ତକ ପ୍ରକାଶ କରାଯାଉ । ସମୁଦାୟ ୫ ଗୋଟି ଦାବି ଉପସ୍ଥାପନା କରାଯାଇ ଲାଗୁ କରିବାକୁ ଦାବି କରାଯାଇଛି । ରାମଚନ୍ଦ୍ର ବଦ୍ରା, ସୁକୁଲାଲ ପାଲେୟା, ରବି ସାମାଡ, କାହ୍ନୁ ବାନ୍ଦିଆ, ଗୌରାଙ୍ଗ ବାନ୍ଦିଆ, ଗଣେଶ ଗାଗରାୟ, ପେଲଙ୍ଗ ହୋ ପ୍ରମୁଖ ନେତୃତ ନେଇଥିଲେ ।

## ମୋବାଇଲ ଚୋରି ଘଟଣା ରେ ଦୁଇ ଗିରଫ

ଯୋଡା(ମହାଭାରତ) ମୋବାଇଲ ଲୁଟ କରିବା ଘଟଣା ରେ ଦୁଇ ଜଣ ଯୁବକ ଙ୍କୁ ଚମ୍ପୁଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି, ମିଳିଥିବା ସୂଚନା ଅନୁଯାୟୀ ଚମ୍ପୁଆ ବଜାର ସ୍ଥିତ ଯେ ସି ଜୁଏଲାରୀ ନିକଟରେ ଜଣେ ଯୁବକ ନିଜ ମୋବାଇଲ ରେ କଥା ହେଉଥିବା ବେଳେ ତପନ କୁମାର ମହାନ୍ତ ଓ କମଳାକାନ୍ତ ମହାନ୍ତ ଏକ ମଟରସାଇକେଲ୍ ଯୋଗେ ଆସି ଯୁବକ ଙ୍କ ନିକଟରୁ ଜୋର୍ କରି ରେଡମି ୫ ଜି ମୋବାଇଲ କୁ ଲୁଟ କରି ନେଇଯାଇଥିଲେ । ତେବେ ଯୁବକ ଜଣକ ତୁରନ୍ତ ଚମ୍ପୁଆ ଥାନାରେ ଖବର ଦେବାରୁ ଚମ୍ପୁଆ ଥାନା ଅଧିକାରୀ ଅବିନାଶ ପଣ୍ଡା ଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ଲୁଟେରା ଙ୍କୁ କାବୁ କରାଯାଇ ତାଙ୍କ ପାଖରୁ ମୋବାଇଲ ଫୋନ ଉଦ୍ଧାର କରାଯାଇଛି । ଉଭୟଙ୍କୁ କେସ୍ ନଂ ୨୪୭ ଧାରା ୩୦୯(୪)/୩(୫) ଅନୁଯାୟୀ ଏକ ଚୋରି ମାମଲା ଦାୟର କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## ବିରଳ ବଜ୍ରକାପ୍ତା ବନ ବିଭାଗ କୁ ହସ୍ତାନ୍ତର କଲେ ଗ୍ରାମବାସୀ



ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମରେ ଏକ ବଜ୍ରକାପ୍ତା କୁ ମାନଝରି ଗ୍ରାମବାସୀ ବନବିଭାଗ କୁ ହସ୍ତାନ୍ତର କରିଛନ୍ତି । ସୁଚନାଯୋଗ୍ୟ ଯେ, ବୁଧବାର ରାତି ଅଧର ମାନଝରି ଗ୍ରାମର ଅଘ୍ରିଆ ପଡ଼ା ସ୍ଥିତ ପୁରୁଣା ପଞ୍ଚାୟତ ପାଖରେ ଏକ ଆନୁମାନିକ ୮,୯ କିଲୋଗ୍ରାମ ର ବଜ୍ରକାପ୍ତ । ବୁଲୁଥିବାର ଦେଖି ବାକୁ ପାଇଲେ ସଦର ଗ୍ରାମର ପ୍ରେମଲାଲ ଆଘରିଆ ଓ ଜଗୁ ଅଘରୀଆୟପରେ ପଡ଼ାବାସୀଙ୍କୁ ଉଠାଇ ବଜ୍ରକାପ୍ତା କୁ କାବୁ କରି ବନବିଭାଗ କୁ ଯୋଗାଯୋଗ କରି ଥିଲେ ।ଏହି ଗାଁ ଟି କେଗାଁ ରେଞ୍ଜ ଗୋଲାମୁଣ୍ଡା ଫରେଷ୍ଟ ଅଧୀନରେ ଆସୁଥିବାରୁ ଗୋଲାମୁଣ୍ଡା ଫରେଷ୍ଟର ଭବାନୀ ଶଙ୍କର ପରିଛା, ପାରା ସ୍କ୍ୱାର୍ଡ ଓମ୍ ପ୍ରକାଶ ରଣା, ପିସୀ ସ୍କାଡ ନୃପ ରଣା,ଗୋଲାମୁଣ୍ଡା ବିଟ୍ ଜିତେନ୍ଦ୍ର ନାଏକ, ବିଶ୍ୱଜି ବଗର୍ତ୍ତୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଉପସ୍ଥିତି ରେ ବଜ୍ରକାପ୍ତା କୁ ସୁରକ୍ଷିତ ନେଇ ଥିଲେ । ଗ୍ରାମବାସୀଙ୍କ ଏପରି କାମକୁ ବୁଦ୍ଧିଜୀବୀ ଓ ଅଞ୍ଚଳରେ ପ୍ରଶଂସା କରାଯାଉଛି ।

## ଏମ୍‌ବିକେଙ୍କ ମନମୁଖୀ କାର୍ଯ୍ୟକ୍ରମ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା (ମହାଭାରତ): ଗରଦପୁର ବ୍ଲକସ୍ଥିତ ସାନଅଢଙ୍ଗା ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପଞ୍ଚାୟତସ୍ତରୀୟ ସଂଘର ସଭାନେତ୍ରୀ, ସମ୍ପାଦିକା, ଇସି ଏବଂ ସିଆରପି-ସିଏନର ସଭ୍ୟମାନେ ଆଜି ପଞ୍ଚାୟତର ଏମବିକେଙ୍କ ଅଶାଳୀନ ବ୍ୟବହାର ମନମୁଖୀ କାର୍ଯ୍ୟକ୍ରମ ଓ ଇସି ସଭ୍ୟାଙ୍କ ପ୍ରତି ପାଶବିକ ଆକ୍ରମଣ ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପଞ୍ଚାତର ଏମବିକେ ସଙ୍ଗୀତା ମଲ୍ଲ ଦାୟିତ୍ୱଭାର ଗ୍ରହଣ କରିବା ଦିନଠାରୁ ଏ ପର୍ଯ୍ୟନ୍ତ ନିଜର ମନମୁଖୀ କାର୍ଯ୍ୟ କରିଆସୁଛନ୍ତି । ସେ ସଂଘ ଗୁଡିକର ଦାୟିତ୍ୱ ନିର୍ବାହ ନକରିବା ସହିତ ସିଆରପି-ସିଏମ ମାନଙ୍କୁ ଭୁଲ ତଥ୍ୟ ଦେଉଛନ୍ତି ଓ ସଭାନେତ୍ରୀଙ୍କ ଜାଲ ଦସ୍ତଖତ କରିବା ତଥା ସଂଘ ନଥିପତ୍ର କାର୍ଯ୍ୟରେ ଅବହେଳା କରୁଛନ୍ତି । ସୂଚନା ଅନୁଯାୟୀ ମଙ୍ଗଳବାର ମିଶନ ଶକ୍ତି ସଭାଗୃହ ମଧ୍ୟରେ ସଭା କାର୍ଯ୍ୟ ଚାଲୁଥିବା ବେଳେ ଜିପିଏଲଏଫ ସଭାନେତ୍ରୀ ଶକୁନ୍ତଳା ବେହେରା ଏମବିକେଙ୍କ କାର୍ଯ୍ୟକ୍ରମରେ ଅବହେଳା ବାବଦରେ ପ୍ରଶ୍ନ କରିବାରୁ ଏମବିକେ ଶ୍ରୀମତୀ ମଲ୍ଲ ସଭାନେତ୍ରୀଙ୍କ ସହ ତର୍କ ଓ ଦୁର୍ବ୍ୟବହାର ତଥା ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ସଭ୍ୟାମାନେ ଗାଳିଗୁଲଜ ପ୍ରତିରୋଧ କରିବାରୁ ଏମବିକେ ନିଜ ସ୍ଥାନରୁ ଉଠିଆସି କୋରୁଆ-୧ ମ□ର ପିସି ସଭ୍ୟା କ୍ଷଣପ୍ରଭା ସିଂହଙ୍କୁ ଅସଭ୍ୟ ଗାଳି ସହିତ ଚୁଟି ଧରି ଆକ୍ରମଣ କରିଥିଲେ । କ୍ଷଣପ୍ରଭା ସିଂହ ଆକ୍ରମଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରୁଥିବା ସମୟରେ ଏମବିକେ ପୁନର୍ବାର ଗୃହ ମଧ୍ୟକୁ ଆସି କ୍ଷଣପ୍ରଭାଙ୍କୁ ଆକ୍ରମଣ ସହିତ ଦାନ୍ତରେ କାମୁଡି ତାଙ୍କୁ ରକ୍ତାକ୍ତ କରି ଦେଇଥିଲେ । ଏହାର ତୁରନ୍ତ ତଦନ୍ତ କରାଯାଇ ଏମବିକେଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପାଦିକ ସ୍ମିତାଞ୍ଜଳି ସ୍ୱାଇଁ ଏବଂ ସଭ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ଚୋରି ସାମଗ୍ରୀ ସମେତ ଚପଲ ଛାଡି ଚୋର ଫେରାର

ବାଲିଅନ୍ତା ( ମହାଭାରତ ) ଦିନକୁ ଦିନ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଚୋରି ରାହାଜାନି ବୃଦ୍ଧି ପାଇବାରେ ଲାଗିଛି ଚୋର ମନେ ବିଭିଉ ଏକାନ୍ତ ନିରଳାରେ ହୋଇଥିବା ଘର ଗୁଡ଼ିକୁ ଟାର୍ଗେଟ କରୁଛନ୍ତି ଗତକାଲି ରାତିରେ ଯଶୁଆପୁର ଗାଁ ରେ ଜୈନିକ ବ୍ୟକ୍ତିଙ୍କ ଘରେ କେହି ନଥିବା ବେଳେ ଦୁର୍ବୃ□ ମନେ ଘରେ ପଶି କଳା କନା ବୁଲାଇଥିଲେ । ସେହିପରି ଭାବେ ଆଜି ରାତି ୮ ରୁ ୯ ଟା ସମୟରେ ସରକଣା ଭଗବତୀ ବିଦ୍ୟାଳୟ ପଛ ପଟେ ନିର୍ମାଣଧୀନ ଘରୁ ଗ୍ରିଲ ଭାଙ୍ଗି ଲୁହା ରଡ଼, ତାର, ଏବଂ ପାଣି ମଟର ଚୋରି କରି ସ୍କୁଲ ପଛପଟେ ନେଉଥିବା ବେଳେ ସ୍କୁଲ ଲାଇନ କଟିବା ସହ ଆଉ କିଛି ସାମଗ୍ରୀ ସ୍କୁଲ ରୁ ଚୋରି ଉଦ୍ୟମ କରୁଥିଲେ ତେବେ ନିକଟରେ ଗଣେଶ ପୂଜା କରି ସେଠାରେ ଯୁବକ ମନେ ଉପସ୍ଥିତ ଥିଲେ । ସ୍କୁଲ ଲାଇନ ହଟାତ କାଟିବାରୁ ପିଲାମାନେ ଲାଇନ କଣ ପାଇଁ କଟିଲା ବୋଲି ଜାଣିବାକୁ ଚେଷ୍ଟା କରିଥିଲେ ତେବେ ଠିକ ଏହି ସମୟରେ ୨ ରୁ ୩ ଜଣ ଦୁର୍ବୃ□ ସ୍କୁଲ ଛାତ ଉପରେ ଲୁଚିଥିଲେ ଯୁବକ ମନେ ପାଟି କରି ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ୩ ଜଣ ଚପଲ ଏବଂ ଚୋରି ସାମଗ୍ରୀ ଛାଡି ସେଠାରୁ ଫେରାର ହୋଇଯାଇଥିଲେ ଖବର ପାଇ ଘଟଣା ସ୍ଥଳରେ ବାଳକାଟୀ ଫାଣ୍ଡି ଅଧିକାରୀ ପହଞ୍ଚି ଉକ୍ତ ଚପଲ କୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ନିର୍ମାଣଧୀନ ଘର ମାଲିକଙ୍କ ପୁଅ ବାଳକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି ।

## ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଗୁରୁଦାୟିତ୍ୱ

କଳାହାଣ୍ଡି/(ମହାଭାରତ): ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନାର ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାସାରକ୍ଷ ଆବେଦନ ପ୍ରକ୍ରିୟା ଚାଲୁରହିଛି ।ଜିଲ୍ଲାର ୨୧ବର୍ଷରୁ ଉର୍ଦ୍ଧ ୬୦ବର୍ଷରୁ କମ ବୟସ୍କ ମହିଳା ଯାହାଙ୍କ ବାର୍ଷିକ ପାରିବାରିକ ଆୟ ୨ଲକ୍ଷ ୫୦ହଜାରରୁ କମ ହୋଇଥିବ, ସେମାନେ ଆବେଦନ କରିବା ପାଇଁ ଉତ୍ସାହିତ କରାଯାଉଛି । ଜିଲ୍ଲାପାଳ ଶ୍ରୀ ପାୱାର ସଚିନ ପ୍ରକାଶ ଙ୍କ ପ୍ରତ୍ୟେକ୍ଷ ତ□ବଧାନରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟେକ ଦିନ ବିଭିଉ କାର୍ଯ୍ୟପ୍ୟା ହାତକୁ ନିଆଯାଉଛି । ଏନେଇ ଅନଲାଇନରେ ଆବେଦନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ଜିଲ୍ଲାପାଳ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିଉ ବ୍ଲକ ଗୁଡିକ ର ନୋଡାଲ ଅଫିସର ଭାବେ ଦାୟିତ୍ୱ ବଣ୍ଟନ କରିଛନ୍ତି । ଅତିରକ୍ତ ଜିଲ୍ଲାପାଳ ( ସାଧାରଣ )ଶ୍ରୀ ତନ୍ମୟ ଦରୱାନ ଜିଲ୍ଲାର କେସିଙ୍ଗା ବ୍ଲକକୁ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ତ୍ରିଲୋଚନ ପାତ୍ର ଭବାନୀପାଟଣା ବ୍ଲକ, ଉପ ଜିଲ୍ଲାପାଳ ଧର୍ମଗଡ ଶ୍ରୀ ଧୀମାନ ଚକ୍ମା ଧର୍ମଗଡ଼, ଗୋଲାମୁଣ୍ଡା ବ୍ଲକ,ଉପ ଜିଲ୍ଲାପାଳ ଭବାନୀପାଟଣା ଶ୍ରୀ ଜୟଦେବ ଦାସ ଦାସ କାର୍ଲାମୁଣ୍ଡା ବ୍ଲକ ସେହିପରି,ପିଡି ଡୁଡା ଜୁନାଗଡ଼, କଲମପୁର ବ୍ଲକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଥୁଆମୂଳ ରାମପୁର ବ୍ଲକ, ଡି ପି ସି,ମିଶନ ଶକ୍ତି ଲାଞ୍ଜିଗଡ଼ ବ୍ଲକ,ଡି ପି ଏମ୍, ଓ ଏଲ୍ ଏମ, ଜୟପାଟଣା ବ୍ଲକ,ଡି ଏସ୍ ଡବ୍ଲ୍ୟୁ ଓ ଏବଂ ଡି ପି ସି ମମତା କୋକସରା ବ୍ଲକ ନୋଡାଲ ଅଫିସର ଭାବେ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ସମସ୍ତ ୨୩୬୩ ଅଙ୍ଗନବାଡ଼ି କେନ୍ଦ୍ର ରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ଫର୍ମ ମିଳୁଥିବା ବେଳେ, ମୋଟ୧୫୬୨ ଜନସେବା କେନ୍ଦ୍ର,୧୩୯ ଟି ମୋ ସେବା କେନ୍ଦ୍ରରେ ଜିଲ୍ଲାର ମହିଳା ମାନେ ଆବେଦନ କରୁଛନ୍ତି । ସୂଚନା ଥାଉକି ଯୋଗ୍ୟ ମହିଳା ମାନଙ୍କୁ ପା□ ବର୍ଷରେ ୫୦ହଜାର ଟଙ୍କା ଦିଆଯିବ । ପ୍ରତ୍ୟେକ ବର୍ଷ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ଦିଆଯିବ । ଜିଲ୍ଲାରେ ସୁଭଦ୍ରା ଯୋଜନା ସମ୍ପର୍କରେ ବ୍ୟାପକ ଜନ ସଚେତନତା ପାଇଁ ସାତ ଗୋଟି ସଚେତନତାରଥ ଜିଲ୍ଲାର ବିଭିଉ ବ୍ଲକରେ ଗତ ୭ତାରିଖରୁ ଆରମ୍ଭ କରି ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ବ୍ୟାପକ ପ୍ରସାର ପ୍ରଚାର ସହ ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଉଛନ୍ତ ।

## ଚିଲିକାରେ ପାଣି ତୋଳା ଯାତ୍ରା ସାରି ବାହୁଡ଼ିଲେ ମା' ଭଗବତୀ

ବାଣପୁର :( ମହାଭାରତ )ଭାରତ ସହିତ ଅନ୍ୟାନ୍ୟ ଦେଶରେ ଥିବା ୧୦୮ ଶକ୍ତିପୀଠ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବାଣପୁରର ମା'ଭଗବତୀଙ୍କ ଶକ୍ତି ପୀଠ ପ୍ରାଚୀନ ପରମ୍ପରା ବହନ କରୁଥିବା ଏକ ପ୍ରଖ୍ୟାତ ପୀଠ । ଏହିପୀଠର ମହାତ୍ମ୍ୟ, ପର୍ବପର୍ବାଣୀ,ଜାନିଯାତ୍ରା ,ନୀତିକାନ୍ତି ଅନ୍ୟାନ୍ୟ ପୀଠମାନଙ୍କ ଠାରୁ ସଂପୂର୍ଣ୍ଣ ନିଆରାୟ ସବୁଜାନିଯାତ୍ରା, ପର୍ବ ପର୍ବାଣୀର ଦେବୀଙ୍କର ମାନବୀୟ ଲୀଳାର ପରିପ୍ରକାଶ ଦେଖିବାକୁ ମିଳେ ।ଯେମିତିକା ଭାଦ୍ରବ ଶୁକ୍ଳ ସପ୍ତମୀରେ ମା'ଙ୍କ ପାଣି ତୋଳା ଯାତ୍ରା ସହିତ ଚିଲିକାରେ ନୌବିହାର ଏବଂ ଭଉଣୀ କାଳିଜାଇ ଙ୍କୁ ଚଳିତ ଶାରଦୀୟ ପର୍ବକୁ ଆମନ୍ତ୍ରଣ ତାର ନିଛକ ବିଶ୍ୱାସ । ମା'ଙ୍କ ଚାରିଦିଗରେ ଚାରିଭଉଣୀ ଯଥା ପୂର୍ବରେ କାଳିଜାଇ , ପଶ୍ଚିମରେ ବିରିଜାଇ, ଦକ୍ଷିଣରେ ନାରାୟଣୀ, ଓ ଉତ୍ତରରେ ଶିଦ୍ଧେଶ୍ୱରୀ ରହି ମା'ଙ୍କ ପୀଠର ସୁରକ୍ଷା କାରିଣୀ ଭାବରେ ପୂଜା ପାଇ ଆସୁଥିବାରୁ ମା'ଭଗବତୀ ଶାରଦୀୟ ପର୍ବକୁ ସମସ୍ତଙ୍କୁ ନିମନ୍ତ୍ରଣ କରି ଆଜ୍ଞାମାଳ ଆଣିବାର ବିଶ୍ୱାଶନୀୟ ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ବର୍ଷର ବିଭିଉ ମାସରେ ବିଭିଉ ଦିଗକୁ ଯାତ୍ରା କରିଭଉଣୀମାନଙ୍କ ସହିତ ଆଧାତ୍ମିକ ସଂପର୍କ ସ୍ଥାଲପନ ସହିତ ସେମାନଙ୍କ ସହିତ ପର୍ବପର୍ବାଣୀଜାନିଯାତ୍ରାରେ ଏକାଠି ହେବା ଏକ ମାନବୀୟ ଲୀଳାର ଏକ ଅନନ୍ୟ ପରମ୍ପରା, ଓଲଳିତା ସପ୍ତମୀରଗୋଧୂଳୀଲଗ୍ନରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ନିଜର ସମସ୍ତ ସେବାୟତଙ୍କ ସହିତ ଘ□ଛତା କାହାଳୀ ଢ଼ୋଲବାଦନରେ ପିତ୍ରାଳୟଦକ୍ଷେଶ୍ୱର ମନ୍ଦିରରୁ ବାହାରି ବିରାଟ ଥାଟପଟୁଆର ବାଜାରୋଷଣୀ ରେ ଜଗଉାଥପୁର ,ବିଷର ପାଟଣା,ଅନ୍ତର କିଆରୀ, ଅଳାଇଡ଼ିହ, ଗୋପୀନାଥପୁର, ବାଲୁଗାଁ ପାଟଣା ସାହି, ଗୁଣ୍ଡୁରୁପୁର, ସାମନ୍ତରାପୁର ଦେଇ ଚିଲିକା କୂଳରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତନୈକାରେ ମଶାଲତି, ଘ□ୁଆ , କାହାଳିଆ, ପାଳିଆ ମାଳି, ଓ ପୂଜକ ସାଆନ୍ତ ସହିତ ନିଯୋଗୀ ସେବାୟତଙ୍କୁ ନେଇ ରାତ୍ରିର ଘନ ଅନ୍ଧକାର ଭିତରେ ଚିଲିକାରେ ନୌବିହାର କରିଥିଲେ । ତେଣେ ଚିଲିକାର ଆରାଧ୍ୟା ମା କାଳିଜାଇଙ୍କ ପୀଠରେ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ମାନସିଂ ହରିଶ୍ଚନ୍ଦ୍ରଓ ସେବାୟତମାନେ ମା'ଙ୍କୁଆଳତି ବନ୍ଦାପନା କରି ମା'ଙ୍କ ଆଜ୍ଞାମାଳକୁ ଗୋଟିଏ ସୁସଜ୍ଜିତ ଆଟିକାରେ ରଖି ଦୀପଲଗାଇ ଚିଲିକା ଜଳରେ ଭସାଇ ଦେଇଥିଲେ । ଚିଲିକା ଢେଉରେ ଆଜ୍ଞାମାଳ ସହ ଆଟିକାଟି ଭାସିଭାସି ଆସୁଥିବାବେଳେ ମା'ଭଗବତୀଙ୍କ ନୌକାର ମଙ୍ଗରେ ପୂଜକ ସାଆନ୍ତ ମଙ୍ଗଳକଳଶ'ଦୀପ ଧୂପନୈବେଦ୍ୟ ସ୍ଥାପନ କରି ମା' କାଳିଜାଇ ଙ୍କୁ ଆରତିବନ୍ଦାପନା ସହିତମା'ଙ୍କ ଜୟଧ୍ୱନୀ କରି ଘନ ଅନ୍ଧକାର ଭିତରେଚିଲିକା ପାଣିରୁ ବିଶ୍ୱାସର ସହିତ ଆଜ୍ଞାମାଳ ତୋଳି ଧରି କଳାଶାଢ଼ିରେ ବାନ୍ଧି କୂଳକୁ ଫେରିଥିଲେ । ଆଜ୍ଞାମାଳକୁପାଣିରୁ ତୋଳି ଧରିବା ବା ଉଠାଇ ଆଣିବାର ପରମ୍ପରାକୁ ପାଣି ତୋଳାଯାତ୍ରା ବୋଲି ବିଶ୍ୱାସ କରାଯାଏ । ଏଥି ପରେ ଦୁଇ ଭଉଣୀ ବାଟରେ ସାମନ୍ତରାପୁରର ବିଭୂତି ସାମନ୍ତରା ଓ ଗ୍ରାମବାସୀଙ୍କ ତରଫରୁ ପ୍ରସ୍ତୁତଖେଚଡ଼ିସ ମାଛ ପୋଡ଼ା କାକରାଅଟକାଳି ଭୋଗଲାଗି ହୋଇ ବାଟରେ ଦଧିବାମନ ମନ୍ଦିର, ଗୁଣ୍ଡରୁପୁର,ପାଟଣା ସାହି ମଠ, ଏବଂ ଶେଷରେ ଅନ୍ତର କିଆରୀ ଗ୍ରାମବାସୀଙ୍କ ଦ୍ୱାରା ପ୍ରସ୍ତୁତ ଚିତା କର୍ଷକସମୁହ ପନ୍ତିଭୋଗ ସେବନ କରିବାପରେ ବାଟରେ ଜଗଉାଥପୁର ର ଶ୍ରଦ୍ଧାଳୁଓ ବାପଘର ପରିଚ୍ଛାଙ୍କ ଘରମାନଙ୍କରେ ଭୋଗ ସେବନ ସହିତ ମନ୍ଦିରକୁ ବାହୁଡା ବିଜେ କରି ଶୟନ ଅଷ୍ଟମୀରେ ଶୟନ ବିଧିପାଇଁ ମା'ଙ୍କ ଖଟଶେଜପଲଙ୍କ ସଜକରାଯାଇଥିଲା । ପରେ ପୂଜକ ସାଆନ୍ତ ଓ ପାଳିଆ ମାଳି, କାଠିନାହାକ କାଠିଠାକୁରାଣିଙ୍କ ଠାରୁ ପାଟଶାଢି ସଂପୂର୍ଣ୍ଣ ଓଲାଗି କରି ଶୟନ ବିଧି କରି ମନ୍ଦିର ପ୍ରତିମା କନକ ଦୁର୍ଗାଙ୍କୁ ପଲଙ୍କ ଉପରେ ଶୟନ କରାଇଥିଲେ ।ଜଗତ ଜନନୀ ମା'ଭଗବତୀ ସର୍ବଶେଷରେ ଶୟନ କରିଥିବାରୁ ଏହି ସମୟରେ ମନ୍ଦିରରେ ଧୂପ ଆଳତିରେ ଘଣ୍ଟକାହାଳି ବାଜା ବାଜିବା ସଂପୂର୍ଣ୍ଣମନାୟ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀରୁ ସହଶ୍ର କୁମ୍ଭବରଣ କରାଯାଇ ଦେବୀଙ୍କୁଶୟନ ରୁ ଉତଥାନ ପରେ ପର୍ବ ଆରମ୍ଭ ହେବାର ପରମ୍ପରା ଏହି ଶକ୍ତି ପୀଠ ର ମହାନ ପର୍ବ ଭାବରେ ପରିଚିତୟ ମା'ଙ୍କ ଏହି ଯାତ୍ରାକୁ ଶୁଙ୍ଖଳିତ କରିବାପାଇଁ ସ୍ଥାନୀୟ ବାଣପୁର ବାଲୁଗାଁ ପ୍ରଶାସନ, ମନ୍ଦିର ପରିଚାଳନା କମିଟି,ବାଣପୁର ଓ ବାଲୁଗାଁ ଥାନାଧିକାରୀ, ଦୁଇ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମକର୍ତ୍ତା, ସମସ୍ତ ଗ୍ରାମବାସୀ ବୃନ୍ଦ ଏବଂ ଦେବୋ□ର କାର୍ଯ୍ୟାଳୟର ସମସ୍ତ କନିକର୍ତ୍ତା ସହଯୋଗ କରିଥିଲେ ।

## ଗାଁ କୁ ଲକ୍ଷ୍ମୀ ବସ ଚଳାଚଳ କରିବାକୁ ଗ୍ରାମବାସୀ ଙ୍କ ଦାବୀ



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିରୁପଦା, ମଣ୍ଡଳଝରୀ ,କଦଳୀବାହାଲି ଗ୍ରାମକୁ ଲକ୍ଷ୍ମୀ ବସ ଚଳାଚଳ କରିବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି। ଗୁରୁବାର ଦିନ ଏନେଇ ଏହି ୩ ଟି ଗ୍ରାମର ଗ୍ରାମବାସୀମାନେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ କୁ ଆସି ବିଡ଼ିଓ ସପ୍ନେଶ୍ୱର ବେହେରା ଙ୍କୁ ଲିଖିତ ଭାବରେ ଦାବୀ ଜଣାଇଛନ୍ତି। ପୂର୍ବରୁ ଏହି ଗ୍ରାମ ଗୁଡିକୁ ଲକ୍ଷ୍ମୀ ବସ ଚଳାଚଳ କରୁଥିବା ବେଳେ ଏବେ କିନ୍ତୁ ଗ୍ରାମପ□ାୟତ କାର୍ଯ୍ୟାଳୟ ନିକଟ କୁ ଯାଇ ବସ ଫେରି ଆସୁଅଛି। ଫଳରେ ପୂର୍ବରୁ ଯାଉଥିବା ଲକ୍ଷ୍ମୀ ବସ ଏବେ ଗ୍ରାମକୁ ନ ଯିବାରୁ ଯାତ୍ରୀ ମାନେ ବସ ସେବାରୁ ବଞ୍ଚିତ ହେଉଛନ୍ତି। ଏଣୁ ପୁନର୍ବାର ଏହି ସବୁ ଗ୍ରାମକୁ ବସ ଯିବାକୁ ଗ୍ରାମବାସୀ ମାନେ ବିଡ଼ିଓ ଙ୍କ ନିକଟରେ ଦାବୀ ରଖିଛନ୍ତି। ଦାବୀ ପତ୍ର ଦେବାକୁ ଏହି ୩ ଗ୍ରାମରୁ ଶତାଧିକ ଲୋକେ ବ୍ଲକ କାର୍ଯ୍ୟାଳୟ ରେ ଆସି ପହଞ୍ଚି ଥିଲେ।

## ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ତଦାରଖ ନିମନ୍ତେ ଜିଲ୍ଲାପାଳ ଜନସେବା କେନ୍ଦ୍ର ପରିଦର୍ଶନ

ରାୟଗଡ(ମହାଭାରତ) ସୁଭଦ୍ରା ଯୋଜନାର ସଫଳ ରୂପାୟନ ଓ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରୟାସ ଜାରିରହିଛି । ଯୋଜନାର ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ରାୟଗଡ ସହର ଓ ରାମନାଗୁଡ଼ା ବ୍ଲକର ବିଭିନ୍ନ ଜନସେବା କେନ୍ଦ୍ର ଅରନକ ପରଦର୍ଶନ କରିଥିଲେ ।ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ନିଜେ ବ୍ୟକ୍ତିଗତ ଭାବେ ଆବେଦନ ପାଇଁ ଆସିଥିବା ମହିଳା ଓ ଜନସେବା କେନ୍ଦ୍ର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ । ଆବେଦନ କରି ଯେପରି ଅସୁବିଧା ନହୁଅନ୍ତି ସେଥିପ୍ରତି ଧ୍ୟାନଦେବାକୁ କେନ୍ଦ୍ର ଦାୟିତ୍ୱରେ ଥିବା ପରିଚାଳକଙ୍କୁ କହିଥିଲେ । ଜିଲ୍ଲାପାଳଙ୍କ ସହିତ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ, ପୌର ର୍ନିବାହୀ ଅଧିକାରୀ,ସୌମ୍ୟରଞ୍ଜନ ମିଶ୍ର,ସିଡିପିଓ ରାୟଗଡ ମିନାକ୍ଷୀ ଦାଶ ଆଦି ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ଅଂଚଳରେ ଆବେଦନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ଜିଲ୍ଲାପାଳ ଆଦେଶ କ୍ରମେ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତଙ୍କୁ ଜିଲ୍ଲାର ବିଷମକଟକ, ମୁନିଗୁଡା ବ୍ଲକକୁ ତଦାରଖ କରିଥିଲେ। ସିଡିଓ ତଥା ଇଓ ଜ଼ିଲ୍ଲାପରିଷଦ କଳନକ୍ଷରକ୍ଷ ଓ ଗୁଣୁପୁର ବ୍ଲକ ଓ ଗୁଣୁପୁର ପୌରପରିଷଦର ବିଭିନ୍ନ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ବୁଲି ଅନୁଧ୍ୟାନ କରିଥିଲେ ।ସେହିପରି ଗୁଣୁପୁର ଉପଜିଲ୍ଲାପାଳ ପଦ୍ମପୁର, ଗୁଡ଼ାରୀ ବ୍ଲକ ଓ କଲ୍ୟାଣ ସିଂପୁର ବ୍ଲକ ତଦାରଖ କରିଥିଲେ ।

## ବାଇକ ସହ ଲୁନା ଧକ୍କା ମହିଳା ଗୁରୁତର

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଢେଙ୍କିକୋଟ ପାଟଣା ୨୨୦ନଂ ରାଜପଥ କାଶିଆ ନିକଟରେ ଏକ ଲୁନା ବାଇକ ଧକ୍କା ରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି । ସୂଚନା ରୁ ପ୍ରକାଶ ଗୁଲୁଦିପଶି ଗ୍ରାମ ବାବୁରାମ ପଇଦା ସ୍ତ୍ରୀ ଡଲି ପଇଦା ଦୁହେଁ ମିଶି ଘଟଗାଁ କୁଲିପଶି ନିଜ ଭଉଣୀ ଘର କୁ ଯାଉ ଥିବା ବେଳେ ବିପରୀତ ଦିଗ ରୁ ଅନ୍ୟ ଏକ ବାଇକ ସହ କାଶିଆ ନିକଟରେ ବାଇକ ଆରୋହି ଲୁନା ଧକ୍କା ଦେଇ ଚାଲିଯାଇ ଥିଲା । ଫଳରେ ଲୁନା ରୁ ସ୍ୱାମୀ,ସ୍ତ୍ରୀ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଦେଖି ସଙ୍ଗେ ସଙ୍ଗେ ଦୁହେଁ ଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରାଯାଇ ଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ରେ ସ୍ୱାମୀ ବାବୁରାମ ସାମାମ୍ୟ ଆହତ ହୋଇ ଥିବା ବେଳେ ସ୍ତ୍ରୀ ଡ଼ଲି ଙ୍କ ମୁହଁ,କାନ,ମୁଣ୍ଡ ରେ ଗଭୀର ଆହତ ଲାଗି ଥିବା ରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର କୁ ସ୍ଥାନାନ୍ତରିତ କରାଯାଇ ଥିବା ସୂଚନା ଦେଇଛନ୍ତି ।

# ଗଛ ମୂଳରେ ଅଙ୍ଗନବାଡି ଶିଶୁ

ବରୀ,(ମହାଭାରତ);ତା ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସେଥି ମଧ୍ୟରୁ ପ୍ରମୁଖ ଅଙ୍ଗନବାଡି। କାରଣ ପ୍ରାରମ୍ଭରୁ ଶିଶୁ ମାନଙ୍କ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟର ସମସ୍ତ ବ୍ଲକରେ ଅଙ୍ଗନବାଡି କେନ୍ଦ୍ର ମାନ ଖୋଲା ଯାଇଛି। ଯେଉଁଠି କୋମଳମତି ଶିଶୁ ମାନଙ୍କୁ ଉତମ ଖାଦ୍ୟ ସହିତ ନାଚ,ଗୀତ,ଖେଳକୁଦ ମାଧ୍ୟମରେ ପାଠ ପଢାଯାଇଥାଏ। ଏଠି ଚିତ୍ର କିନ୍ତୁ ସମ୍ପୁର୍ଣ୍ଣ ଅଲଗା। ଦୀର୍ଘ ବର୍ଷ ଧରି କୋମଳମତି ଶିଶୁ ମାନେ ଗଛ ମୂଳେ ବସି ପାଠ ପଢନ୍ତି। ଯାହାକୁ ଦେଖିଲେ ବିଭାଗୀୟ ଅଧିକାରୀ ମାନେ କେତେ ତତ୍ପର ତାହା ଏ ଚିତ୍ର ବୟାନ କରୁଛି। ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନସ୍ଥ ବାଲିବିଲି ପଂଚାୟତର ଏକ ନମ୍ବର ଅଙ୍ଗନବାଡି କେନ୍ଦ୍ରର ଗୃହ ନଥିବାରୁ ଦୀର୍ଘ ବର୍ଷ ଧରି ଗଛ ମୂଳେ ଶିକ୍ଷାଦାନ ଚାଲିଛି। କୁନି କୁନି ପିଲା ଗଛ ମୂଳେ ବସି ଖାଦ୍ୟ ଖାଇବା ସମୟରେ ଖାଦ୍ୟରେ ପୋକ ଯୋକ ମଧ୍ୟ ପଡନ୍ତି। ବର୍ଷା କିମ୍ବା ପବନ ହେଲେ ପର ପିଣ୍ଡାରେ ଏହି ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରାଯାଇଥାଏ। ତେଣୁ ଆଗାମୀ ଭବିଷ୍ୟତ ଏହି କୁନି କୁନି ପିଲା ମାନଙ୍କ ନିମନ୍ତେ ତୁରନ୍ତ ଘର ଖଣ୍ଡିଏ ଯୋଗାଇ ଦେବା କ୍ଷେତ୍ରରେ ବରୀ ବ୍ଲକ ପ୍ରଶାସନ ଓ ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।



## ପ୍ୟାରିସ ପାରାଲିମ୍ପିକ ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତୀୟ ପାରା ଆଥଲେଟ ମାନଙ୍କୁ ଇଣ୍ଡିଆନ ଅଏଲ ପକ୍ଷରୁ ସମ୍ମାନିତ

ପାରାଦୀପ /ନୂଆଦିଲ୍ଲୀ - ପ୍ୟାରିସ ଠାରେ ଆୟୋଜିତ ପାରାଲିମ୍ପିକ୍-୨୦୨୪ ରେ ଶ୍ରେଷ୍ଠ ଐତିହାସିକ ପ୍ରଦର୍ଶନ ପାଇଁ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରତୀୟ ତୈଳ ନିଗମ ପକ୍ଷରୁ କୃତି ଭାରତୀୟ ପାରା-କ୍ରୀଡ଼ାବିତ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଶେଷ ହୋଇଥିବା ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଏକ ରେକର୍ଡ ୭ ଟି ସ୍ୱର୍ଣ୍ଣ, ୯ ଟି ସିଲଭର ଏବଂ ୧୩ ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା । ଇଣ୍ଡିଆନ୍ ଅଏଲ୍ର ସହଯୋଗରେ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଦେଶରେ ପାରାଲିମ୍ପିକ୍ ଖେଳ ପାଇଁ



ଅକ୍ଟୋବର ୨୦୨୩ ପରଠାରୁ ଭାରତୀୟ ପାରା-କ୍ରୀଡ଼ାବିତ ଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଶ୍ରୀମତୀ ରକଶା ନୀଖିଲ ଖଡ଼ସେ ଙ୍କ ସମେତ ଏମଓପିଏନ ଜି ସଚିବ ପଙ୍କଜ ଜେନ, ଇଣ୍ଡିଆନ ଅଏଲ ମାର୍କେଟିଙ୍ଗ ଅଧକ୍ଷ ତଥା ନିର୍ଦ୍ଦେଶକ ସତୀଶ କୁମାର ଓ ପିସିଆଇ ର ସଭାପତି ଦେବେନ୍ଦ୍ର ଝାଝରିଆ ପ୍ରମୁଖ ଉପସ୍ଥିତ ରହି ସଫଳ କ୍ରୀଡ଼ାବିତ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସମ୍ମାନିତ କରିଥିଲେ । ଏହି ଅବସରରେ ଏମଓପିଏନଜି ସଚିବ ଶ୍ରୀ ଜେନ ପାରା-କ୍ରୀଡ଼ାବିତ ଙ୍କୁ ସେମାନଙ୍କ ସଫଳତା ପାଇଁ ପ୍ରଶଂସା କରିବା ସହ ଏହି ଖେଳାଳି ମାନଙ୍କ ପାଇଁ ମାସିକ ଛାତ୍ରବୃତ୍ତି, ଡାକ୍ତରୀ ବୀମା ଏବଂ କ୍ରୀଡା କିଟ୍ ପ୍ରଦାନ କରି ଇଣ୍ଡିଆନ୍ ଓଏଲ୍ ଏହାର ସମର୍ଥନକୁ ଆହୁରି ବୃଦ୍ଧି କରିବ ବୋଲି ଘୋଷଣା କରିଥିବା ନେଇ ଇଣ୍ଡିଆନ୍ ଅଏଲ କର୍ପୋରେଟ୍ କମୁନିକେସନ ଓ କୋଡିନେସନ ସଂସ୍ଥା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

## ଆସିକାରେ ସୁଭଦ୍ରା ଯୋଜନାର ସଚେତନ ରଥ ଶୁଭାରମ୍ଭ



ଆସିକା (ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୁଭଦ୍ରା ଯୋଜନାର ସଚେତନତା ରଥ ଶୁଭାରମ୍ଭ ହୋଇଛି ।ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ର୍ନିବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଆସିକା ୱାର୍ଡ ନମ୍ବର ୦୯ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସୁଭଦ୍ରା ରଥ କୁ ଆସିକା ନଗରପାଳିକା ବିନେତା ସ୍ୱାଇଁ ପୂଜାର୍ଚନା କରି ଶୁଭାରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥିଭାବେ ଆସିକା ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ବିଜେପି ନେତା ନିରଞ୍ଜନ ମହାନ୍ତି,ବିଜୟ ସ୍ୱାଇଁ,କାଉନସିଲର ଭାସ୍କର ବେହେରାଙ୍କ ସମେତ ଆଜି ଏନ ଏ ସି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠି ମହିଳା ଅଙ୍ଗନବାଡି କର୍ମୀ , ଆଶା କର୍ମୀ,ସ୍ୱଚ୍ଛ ସୁପରଭାଇଜର ସ୍ୱଚ୍ଛ ସାଥି ପ୍ରମୁଖ ଉପସ୍ଥିତ ରହି ଥିଲେ । ମହିଳା ମାନେ ରଥ କୁ ହୁଳହୁଳି, ବନ୍ଦାପନା କରି ସ୍ୱାଗତ କରିଥିଲେ । ଏହାପରେ ଡାକବାଜି ଯନ୍ତ୍ର ଦ୍ୱାରା ସୁଭଦ୍ରା ହିତାଧିକାରୀଙ୍କୁ ମାନଙ୍କୁ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ନୋଡାଲ ଅଧିକାରୀ କିଶୋର ପାଣିଗ୍ରାହୀ, ସୁମନ୍ତ ସେନାପତି,ନମିତା ଗୌଡ଼ ସମେତ ଅନେକ କର୍ମଚାରୀ ସହଯୋଗ କରିଥିଲେ । ଏହି ସଚେତନତା ରଥ ଜଗଓାଥ ମନ୍ଦିର ରୁ ବାହାରି ସୁନାମ୍ବ ସାହି, ଲାଲାଗୋର୍ଜି ଛକ, ଓଡ଼ିଆ ସାହି,ନୃସିଂହ ମନ୍ଦିର ଛକ, ତାଲୁକା ରୋଡ, ଲାଳସାଶାନ,ପାକଲାପଲ୍ଲୀ ୱାର୍ଡ ନମ୍ବର ୧୮ ରେ ଶେଷ ହୋଇଥିଲା।

## ବିକାଶିତ ଭାରତ ଉପରେ ଆଲୋଚନା ଚକ୍ର

ବାଲିଗୁଡା(ମହାଭାରତ):କନ୍ଧମାଳ ଜିଲ୍ଲାର ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ରେ ଅର୍ଥନୀତି ବିଭାଗ ପକ୍ଷରୁ ବଜେଟ୍ ୨୦୨୪ ଏବଂ ୨୦୨୫ ବିଭାଗିୟୀ ମୁଖ୍ୟ ଏଚ୍ ଓ ଡି ଉମାକାନ୍ତ ରଥ ଙ୍କ ତ୍ୱାବଧାନରେ ବିକଶିତ ଭାରତ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ପ୍ରଭାକର ରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଭାଗିୟ ଦୁଇ ଅଧ୍ୟାପିକା ଗିତାଞ୍ଜଳୀ ଗନ୍ତାୟତ ଏବଂ କାଜଲ ଦଳେଇ ପ୍ରଦ□ ବିଷୟ ଉପରେ ପ୍ରସ୍ତୁତି ସନ୍ଦଭ କୁ ଉପସ୍ଥାପନା କରିଥିଲେ । ଗିତାଞ୍ଜଳୀ ଗନ୍ତାୟତ ଆଲୋଚନା ଚକ୍ର ଟିକୁ ସଂପୂର୍ଣ୍ଣ ପରିଚାଳନା କରିଥିଲେ । ଅଧ୍ୟାପକ ଅଧ୍ୟାପିକା ମାନେ ନିଜନିଜ ମତ ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ , ଅଧ୍ୟାପିକା ଏବଂ ବିଭାଗରେ ଥିବା ଛାତ୍ର ଛାତ୍ରୀ ଏହାର ବିଭିନ୍ନ ଦିଗ ଏବଂ ପ୍ରଭାବ ସଂପର୍କ ରେ ଅଂଶ ଗ୍ରହଣ କରି ଉକ୍ତ ଆଲୋଚନାଚକ୍ର ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ସମବାୟ କେନ୍ଦ୍ର ର ସ୍ଥାନ ନିରୂପଣ କୁ ନେଇ ତାତିଲେ ଗ୍ରାମବାସୀ ଘେରିଲେ ତହସିଲ କାର୍ଯ୍ୟାଳୟ




ହାଟଡିହି ଏହି ବ୍ଲକ ରେ ନୂଆ କରି ତିଆରି ହୋଇଥିବା କିଛି ସମବାୟ ସମିତି କେନ୍ଦ୍ର ଗୁଡ଼ିକ ର ନିଜସ୍ ଗୃହ ନଥିବାରୁ ସରକାର ତାଙ୍କୁ ସମବାୟ ଗୃହ ର୍ନିମାଣ କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ମାଗିଥିଲେ। ଯାହାକୁ ନେଇ ଏବେ ସୁଲଣ ଗ୍ରାମପଞ୍ଚାୟତ ର ତିନୋଟି ଗାଁ ର ଲୋକେ ବିରୋଧ କରିଛନ୍ତି। ଶୁକ୍ରବାର ସକାଳେ ହାଟଡିହି ତହସିଲ କାର୍ଯ୍ୟାଳୟ ର ସୁଲଣ ଗ୍ରାମର ଏକାଧିକ ଲୋକେ ମାନେ କାର୍ଯ୍ୟାଳୟ ମଧ୍ୟ କୁ ଯାଇ ହୋ ହାଲ୍ଲା କରିଥିଲେ। ଉକ୍ତ ସମୟ ରେ ହାଟଡିହି ତହସିଲଦାର ହବିଲ ଖା ଖା କୌଣସି କାର୍ଯ୍ୟ ରେ ଅନୁପସ୍ଥିତ ରହିଥିଲେ। ବଡରମ୍ପାସ ରାଜସ୍ୱ ନିରୀକ୍ଷକ କେନ୍ଦ୍ରର ସୁଲଣ ଆଞ୍ଚଳିକ ନୀରିକ୍ଷକ ଙ୍କ ଏଭଳି ନିଷ୍ପତି କୁ ଗ୍ରାମବାସୀ ମାନେ ବିରୋଧ କରିଛନ୍ତି। ତାହା ଛଡା ହାଟଡିହି ତହସିଲଦାରନିଜେ ହସ୍ତକ୍ଷେପ କରି ଆପଶ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଆସିଥିବା ଅଭିଯୋଗ କାରୀ ମାନେ ମତ ପ୍ରକାଶ କରିଥିଲେ। ଏହି ଅଭିଯୋଗ ପକ୍ରୀୟା ରେ ସାମିଲ ଥିଲେ ପ୍ରଶାନ୍ତ କୁମାର ଜେନା, ଖଗେଶ୍ୱର ରାଉତ, ଜଗଓାଥ ଜେନା, ରବୀନ୍ଦ୍ର ଜେନା, ସନାତନ ଗିରି, ଙ୍କ ସହ ଗାଁ ର ଶତାଧିକ ପୁରୁଷ।

## ସ୍ତ୍ରୀ ଓ ଭଉଣୀ ନିଖୋଜ ନେଇ ଥାନାରେ ଅଭିଯୋଗ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଅନ୍ତର୍ଗତ ତେଓ୍ୱାଲୋଇ ଗ୍ରାମରେ ସ୍ତ୍ରୀ ଓ ଭଉଣୀ ନିଖୋଜ ନେଇ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଯେ ତେଓ୍ୱାଲୋଇ ଗ୍ରାମର ବିଜୟ ନାଏକଙ୍କ ସ୍ତ୍ରୀ ପଞ୍ଚାଳୀ ନାଏକ ବୟସ ୩୪ ବର୍ଷ ଓ ଭଉଣୀ ଶ୍ରାବଣୀ ନାଏକ ବୟସ ୧୮ ବର୍ଷ ଘରୁ କୁଆଡେ ଚାଲି ଯାଇଛନ୍ତି । ବିଜୟ କିଛି କାମରେ ବାହରକୁ ଯାଇଥିଲେ , ତେବେ ଘରକୁ ଆସି ଦେଖିଲା ବେଳେ ତାଙ୍କ ସ୍ତ୍ରୀ ଓ ଭଉଣୀ ଘରେ ନଥିଲେ । ସାହି ପଡିଶା ବନ୍ଧୁ ବାନ୍ଧବ ଘର ବହୁ ଖୋଜାଖୋଜି ପରେ ମଧ୍ୟ ଦୁଇ ଜଣଙ୍କର କୌଣସି ସନ୍ଧାନ ପାଇନଥିଲେ । ଯାହା ଫଳରେ ବାଧହୋଇ ଆଜି ବିଜୟ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଦକ୍ଷତା ଭିତ୍ତିକ କୌଶଳ ପ୍ରଶିକ୍ଷଣ ଶିବିର

ବେଗୁନିଆ,(ମହାଭାରତ): ବେଗୁନିଆ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ନଲେଜ କର୍ପୋ ରେସନ ଲିମିଟେଡ ପକ୍ଷରୁ ଦକ୍ଷତା ଭିତ୍ତିକ କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ସ୍ଥାନୀୟ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ ସବିତାଞ୍ଜଳୀ ସେନାପତିଙ୍କ ପୌରୋହିତ୍ୟରେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ,ବିଧୁ ଭୂଷଣ ରାଉତ ଅଧ୍ୟାପିକା ଡ଼ଃ ବିଜୟଲକ୍ଷ୍ମୀ ସୁବୁଦ୍ଧି,ସ୍ମିତିମୟୀ ବସନ୍ତିଆ ଓ ଓଡ଼ିଶା ନଲେଜ କର୍ପୋରେସନର ଜିଲ୍ଲା ସଂଯୋଜକ ଦେବାଶିଷ ପରିଡ଼ା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ କିପରି ରୋଜଗାରକ୍ଷମ ହୋଇ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୋଇ ପାରିବେ ସେଥିପାଇଁ ଦକ୍ଷତା ଭିତ୍ତିକ କୌଶଳ ଗୁଡ଼ିକୁ ଆପଣେଇବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଲଡୁ କିଶୋର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ଼ଃ ସୋମନାଥ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳ ପଡିଆପାଇଁ ଗୁହାରି

ନବରଙ୍ଗପୁର(ମହାଭାରତ): ନବରଙ୍ଗପୁର ଜିଲ୍ଲା, ରାଇଘର ବ୍ଲକ,ଆଜି ରାଇଘର ଅଂଚଳରେ ନୂଆଖାଇ ପର୍ବର ବାସି ତିହାର ଚାଲିଥିବା ବେଳେ ଭାରରଶୁଣ୍ଡି ଗ୍ରାମରେ ଏକ ଖାଲି ସ୍ଥାନ ପଡିଥିବା ଛୋଟିଆ ପଡିଆଠାରେ ପିଲାମାନଙ୍କର ଫୁଟବଲ ଖେଳ ଦେଖିବାକୁ ମିଳିଥିଲା । ଉକ୍ତ ଗ୍ରାମରେ ତିନୋଟି ବଡ଼ ବଡ଼ ଗାଁର ଲୋକ ସଂଖ୍ୟା ସାତଶହ ରୁ ଉର୍ଦ୍ଧ ରହିଥିବା ବେଳେ ଗ୍ରାମ୍ୟ ପିଲାଙ୍କ ପାଇଁ କୌଣସି ଖେଳପଡିଆଟିଏ ନାହିଁ । ଏଥି ଯୋଗୁଁ ଉକ୍ତ ଗ୍ରାମର ପିଲାମାନେ ଖେଳ ପଡିଆ ବା ଖେଳିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି । ଏହି ପିଲାମାନେ ମାନେ ବ୍ଲକ ପ୍ରଶାସନନିକଟରେ ନିବେଦନ କରୁଛନ୍ତି ଯେ ତାଙ୍କ ଖେଳିବା ପାଇଁ ଖେଳ ପଡିଆ ଯୋଗାଇବାରେ ସହଯୋଗ କଲେ ଗ୍ରାମବାସି ପିଲାମାନେ ଚିରଦିନ ପାଇଁ ପ୍ରଶାସନ ନିକଟରେ ଚିର କୃତଜ୍ଞ ରହିବେ।

### ସରକାରୀ ନିର୍ଦ୍ଦେଶ ମାନୁ ନାହାଁନ୍ତି ଜନସେବା କେନ୍ଦ୍ର

# ସୁଭଦ୍ରା ପଞ୍ଜୀକରଣ ପାଇଁ ଦାବି କରାଯାଉଛି ଅର୍ଥ




ଖୋର୍ଦ୍ଧା:(ମହାଭାରତ) ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏବେ ଜିଲ୍ଲାର ବିଭିନ୍ନ ଜନସେବା କେନ୍ଦ୍ରରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି ।ଏହାର ସୁଯୋଗ ନେଇ ନିରୀହ ଜନସାଧାରଣଙ୍କ ଠାରୁ ଖୋର୍ଦ୍ଧା ସହର ମଧ୍ୟରେ ଥିବା ଅନେକ ଜନସେବା କେନ୍ଦ୍ର ଏବଂ କମନ ସର୍ଭିସ ସେ□ର ଗୁଡିକରେ ସୁଭଦ୍ରା ଯୋଜନାରେ ପଞ୍ଜିକରଣ ପାଇଁ ଅର୍ଥଦାବୀ କରାଯାଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ପ୍ରେସବିଜ୍ଞପ୍ତି ରେ ସୁଭଦ୍ରା ଯୋଜନାରେ ପଞ୍ଜିକରଣ ସମ୍ପୂର୍ଣ ନିଃଶୁଳ୍କ ବୋଲି ଘୋଷଣା କରିଥିଲେ ମଧ ଏହି ନିର୍ଦ୍ଦେଶ ନାମାକୁ ଜନସେବା କେନ୍ଦ୍ରର ପରିଚାଳକ ମାନୁ ନାହାଁନ୍ତି ।ନାମ ପଞ୍ଜିକରଣ ନିମନ୍ତେ ଦାବୀ ମୁତାବକ ଅର୍ଥରାଶି ନଦେଲେ ବିଭିନ୍ନ ଆଳ ଦେଖାଇ ଫେରାଇ ମଧ୍ୟ ଦିଆ ଯାଉଥିବା ଜଣା ପଡିଛି। ଫଳରେ ବହୁ ଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କର ଏହି ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଜନସେବା କେନ୍ଦ୍ରରେ। ଉକ୍ତ କେନ୍ଦ୍ରକୁ ସୁଭଦ୍ରା ଯୋଜନାରେ ନିଜ ନାମ ପଞ୍ଜିକରଣ କରିବାକୁ ଯାଉଥିବା ମହିଳା ହିତାଧିକାରୀଙ୍କ ଠାରୁ ଜୋର ଜବରଦସ୍ତ ଅର୍ଥ ଆଦାୟ କରାଯାଉଛି । ଏହାର ପ୍ରତିବାଦ କଲେ ସମ୍ପୃକ୍ତ ଜନସେବା କେନ୍ଦ୍ରର ପରିଚାଳକ ନାଲିଆଖି ଦେଖାଇବା ସହିତ ଆମର କିଏ କଣ କରିବ କହୁଥିବା ଶୁଣିବାକୁ ମିଳୁଛି । ଏଣୁ ଏଥିପ୍ରତି ଖୋର୍ଦ୍ଧା ଜ଼ିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଘଟଣାଟିର ତଦନ୍ତ କରି ଅର୍ଥଦାବୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି ।

## ଉଦଳା ସାମ୍ବାଦିକ ସଂଘ ତରଫରୁ ବିଦାୟୀ ଓ ନବ ନିଯୁକ୍ତ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



ଉଦଳା(ମହାଭାରତ): ସାମ୍ବାଦିକ ସଂଘ ଉଦଳାଙ୍କ ଆନୁକୂଲ୍ୟରେ ପୂର୍ବତନ ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଏବଂ ନୂତନ ଭାବେ ନିଯୁକ୍ତ ତହସିଲଦାର ସୁପ୍ରଭା ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଉପଜିଲ୍ଲାପାଳ କପ୍ତିପଦା, ଉଦଳାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ପ୍ରତୀକ ପଣ୍ଡା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦାୟୀ ତହସିଲଦାରଙ୍କୁ ଉ□ରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ପରେ ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ପୂର୍ବତନ ତହସିଲଦାର ମାତ୍ର ୯ ମାସ କାର୍ଯ୍ୟକାଳ ମଧ୍ୟରେ ଏଠାକାର ଗଣମାଧ୍ୟମ ତଥା ଜନସାଧାରଣଙ୍କର ସହଯୋଗ କେବେବି ଜୀବନରେ ଭୁଲି ପାରିବି ନାହିଁ ଏବଂ ସୁଯୋଗ ମିଳିଲେ ପୁଣି ଥରେ ଉଦଳା ଆସିବାକୁ ଆଗ୍ରହୀ ବୋଲି ଭାବ ବିହ୍ୱଳ ସ୍ୱରରେ ପ୍ରକାଶ କରିଥିଲେ । ନୂତନ ଭାବେ ଯୋଗଦେଇଥିବା ତହସିଲଦାର ମଧ୍ୟ କହିଥିଲେ କି ଏଭଳି ସହଯୋଗ ମୋ କାର୍ଯ୍ୟକାଳରେ ରହିଲେ ଆମେ ସମସ୍ତ ସମସ୍ୟାର ସରଳ ସମାଧାନ କରିପାରିବା ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଯେ କୌଣସି ସମସ୍ୟା ବାବଦରେ ସିଧାସଳଖ ଆଲୋଚନା ବା ଜ୍ଞାତସାରକୁ ଆଣିବାକୁ ଅନୁରୋଧ କରିଥିଲେ । ସର୍ବଶେଷରେ ବରିଷ୍ଠ ସାମ୍ବାଦିକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସକ୍ରିୟ ସହଯୋଗ କରିଥିଲେ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ନମାଜ ଓ ଆଜାନ ପାଠ ବେଳେ ବାଜିବନି ଗୀତ

**ନୂଆଦିଲ୍ଲୀ,୧୩।୯(ଏଜେନ୍ସି):** ଦୁର୍ଗାପୂଜା ସମୟରେ ସଂଗୀତ ପରିବେଷଣ ଉପରେ କଟକଣା ଲଗାଇଛନ୍ତି ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର । ନମାଜ ଓ ଆଜାନ ପାଠ ସମୟରେ ବାଦ୍ୟଯନ୍ତ୍ର ତଥା ଗୀତ ନ ବଜାଇବାକୁ ହିନ୍ଦୁ ସମ୍ପ୍ରଦାୟଙ୍କୁ କହିଛନ୍ତି । ମଙ୍ଗଳବାର ବାଂଲାଦେଶର ସ୍ୱରାଷ୍ଟ୍ର ବ୍ୟାପାର ବିଭାଗର ପରାମର୍ଶଦାତା ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଏମ ଜାହଙ୍ଗୀର ଆଲାମ ଚୌଧୁରୀ କହିଛନ୍ତି, ପୂଜା କମିଟିମାନଙ୍କୁ ସାଉଣ୍ଡ ସିଷ୍ଟମ ବନ୍ଦ କରିବାକୁ ଏବଂ ଆଜାନ ଓ ନମାଜ ସମୟରେ ବାଦ୍ୟଯନ୍ତ୍ର ନ ବଜାଇବାକୁ କୁହାଯାଇଛି । ଆୟୋଜକମାନେ ମଧ୍ୟ ଏହି ଅନୁରୋଧରେ ସହମତ ହୋଇଛନ୍ତି । ଏନେଇ ଢାକା ସଚିବାଳୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୂଚନା ଦେଇଛନ୍ତି ଏମ ଜାହଙ୍ଗୀର ଆଲାମ ଚୌଧୁରୀ । ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆହୁରି କହିଛନ୍ତି ଯେ, ଚଳିତ ବର୍ଷ ବାଂଲାଦେଶରେ ମୋଟ ୩୨,୬୬୬ ପୂଜା ପାଣ୍ଡାଲ ପ୍ରତିଷ୍ଠା କରାଯିବ । କେବଳ



ରାଜଧାନୀର ଉତ୍ତର ଏବଂ ଦକ୍ଷିଣ ସହରରେ ୧୫୭ ଏବଂ ୮୮ଟି ମଣ୍ଡପରେ ପୂଜାପାଠ କରାଯିବ । ବାଂଲାଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ବଂଶଧରଙ୍କୁ ଶିକ୍ଷା ତଥା ଚାକିରିରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ନିକଟରେ ପ୍ରବଳ ହିଂସା ପରେ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାର କିଛି ଦିନ ପରେ ବାଂଲାଦେଶରେ ଥିବା ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଆରମ୍ଭ ହୋଇ ଯାଇଥିଲା । ସେବେଠାରୁ ବାଂଲାଦେଶରେ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷ କରି ହିନ୍ଦୁମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହାର କିଛି ଦିନ ପରେ ବାଂଲାଦେଶ ସରକାର ଦୁର୍ଗାପୂଜା ଅବସରରେ ଏପରି କଟକଣା ଲଗାଇଛନ୍ତି ।

# ଆଲୋଚନା ପାଇଁ ୮ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକିଲେ ସିଦ୍ଧାରମାୟା

**ବେଙ୍ଗାଲୁରୁ,୧୩।୯(ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମାୟା କେନ୍ଦ୍ର ସରକାରଙ୍କ ବିରୋଧରେ ଟିକସ ଅନ୍ୟାୟ ବଣ୍ଟନ କରାଯାଇଥିବା ଅଭିଯୋଗ କରିଛନ୍ତି । ସେ ଏ ବାବଦରେ ଆଠଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ଆର୍ଥିକ ସଂଘୀୟତା ପ୍ରସଙ୍ଗରେ ସାମୂହିକ ଭାବେ ବିଚାରବିମର୍ଷ କରିବାକୁ ମୁଖ୍ୟମନ୍ତ୍ରୀ ସିଦ୍ଧାରମାୟା ୮ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବେଙ୍ଗାଲୁରୁରେ ଏକ ସମ୍ମିଳନୀକୁ ନିମନ୍ତ୍ରଣ କରିଛନ୍ତି । ସେ କହିଛନ୍ତି କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୁଜୁରାଟ, ହରିୟାଣା ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଚିଠି ଲେଖିଛ । ପ୍ରଗତିଶୀଳ ରାଜ୍ୟମାନଙ୍କର ଆର୍ଥିକ ସ୍ୱାଧୀନତାକୁ ବିପଦରେ ପକାଇଥାଏ । ସିଦ୍ଧାରମାୟା ମଧ୍ୟ ଆଠଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିକୁ 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ କହିଛନ୍ତି, ଆପଣ ଜାଣଛନ୍ତି ୧୬ତମ ଅର୍ଥ



'ଓଭରଟ୍ୟାକ୍ସ ଓଭର ରାଇଟ୍' ହ୍ୟାସଟ୍ୟାଗ୍ ସହିତ ସେ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ କହିଛନ୍ତି ଯେ କର୍ଣ୍ଣାଟକ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ମୁଣ୍ଡପିଛା ଜିଏସଡିପି (ମୋଟ ରାଜ୍ୟ ଘରୋଇ ଉତ୍ପାଦ) ଆର୍ଥିକ ପ୍ରଦର୍ଶନ ପାଇଁ ଦଣ୍ଡିତ ହେଉଛନ୍ତି । ଯାହା ଦ୍ୱାରା ଏହି ରାଜ୍ୟଗୁଡିକ ଅନୁପଯୁକ୍ତ ଭାବରେ କମ୍ ଆବଣ୍ଟିତ ଟିକସ ଗ୍ରହଣ କରୁଛନ୍ତି । ଏହାକୁ ଅନ୍ୟାୟ ବୋଲି କହି ସେ କହିଛନ୍ତି ଯେ ଏହି ଉପାୟ ସହଯୋଗୀ ସଂଘୀୟତାକୁ ଦୁର୍ବଳ କରିଥାଏ ଏବଂ ଆୟୋଗ ଏହାର ବିଚାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପୂର୍ବ ଅର୍ଥ ଆୟୋଗ ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ଖର୍ଚ୍ଚରେ ଇକ୍ୱିଟି ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛନ୍ତି । ଫଳସ୍ୱରୂପ, ମୁଣ୍ଡପିଛା ଜିଏସଡିପି ଅଧିକ ଏବଂ ମୋଟ ଟିକସ ରାଜସ୍ୱରେ ଅଧିକ ଅବଦାନ ଥିବା ରାଜ୍ୟଗୁଡିକ କେନ୍ଦ୍ରୀୟ ଆର୍ଥିକ ସ୍ଥାନାନ୍ତରର କମ୍ ଅଂଶ ଗ୍ରହଣ କରୁଛନ୍ତି । 'ସିଦ୍ଧାରମାୟା କହିଛନ୍ତି, ମୁଁ ଜୋର ଦେଇଛି ଯେ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡିକୁ କେନ୍ଦ୍ରୀୟ ରାଜକୋଷର ହସ୍ତାନ୍ତରରେ ଅଭାବ ଶାରୀରିକ ତଥା ମାନବ ଭିତ୍ତିଭୂମିରେ ବିନିଯୋଗ କରିବାର କ୍ଷମତା ଉପରେ ଗୁରୁତର ସୀମାବଦ୍ଧତା ସୃଷ୍ଟି କରୁଛି । ରାଜ୍ୟଗୁଡିକରେ ଟିକସଦାତା ଯେଉଁମାନେ ବିଭାଜିତ ପୁଲକୁ ନେଟ୍ ଦାତା ଅଟନ୍ତି ସେମାନେ ମଧ୍ୟ ସେମାନଙ୍କ ଟ୍ୟାକ୍ସର ଉଚିତ ଅଂଶ ସେମାନଙ୍କ ନିକଟକୁ ଫେରିବେ ବୋଲି ଆଶା କରନ୍ତି । ତେଣୁ ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ସହିତ ଇକ୍ୱିଟିକୁ ଯତ୍ନର ସହ ସନ୍ତୁଳନ କରିବା ଆବଶ୍ୟକ ବୋଲି ଅର୍ଥ କମିଶନ କହିଛନ୍ତି । ସେ କହିଛନ୍ତି ଦେଶର ଜିଡିପିରେ ଦୃଢ ଅବଦାନ ରହିଛି ଏବଂ ମୋଟ ଟିକସ ରାଜସ୍ୱ ଦେଶ ନିର୍ମାଣରେ ସହାୟକ ହେଉଛି । ତେଣୁ, ଏକ ଶକ୍ତିଶାଳୀ ସଂଘ ପାଇଁ ରାଜନେତିକ ଏବଂ ଅର୍ଥନେତିକ ଦୃଷ୍ଟିରୁ ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ସହିତ ସମାନତାକୁ ସନ୍ତୁଳିତ କରିବାର ଏକ ଜରୁରୀ ଆବଶ୍ୟକତା ଅଛ । ସେ ଲେଖିଛନ୍ତି, ଏହା ଗୁରୁତ୍ୱପୂର୍ଣ୍ଣ ଯେ ୟୁନିଅନର ମୋଟ ଟିକସ ରାଜସ୍ୱରେ ସେମାନଙ୍କ ଅବଦାନ ତୁଳନାରେ ଭୂସମାନ୍ତର ସ୍ଥାନାନ୍ତରଣରେ ଛୋଟ ଅଂଶ ଗ୍ରହଣ କରୁଥିବା ରାଜ୍ୟଗୁଡିକ ଆୟୋଗଙ୍କ ନିକଟରେ ଏକ ସମନ୍ୱିତ ପ୍ରସ୍ତାବର ସୂତ୍ର ସ୍ପଷ୍ଟ କରିବା ଆବଶ୍ୟକ ।

# ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ଅର୍ଥନୈତିକ ଅସ୍ଥିରତା ଦେଇ ଗତିକରୁଛି ଭାରତ

**ନୂଆଦିଲ୍ଲୀ,୧୩।୯(ଏଜେନ୍ସି):** ରୁଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଅଢେଇ ବର୍ଷ ପୁରିଗଲାଣି । ଏହି ଯୁଦ୍ଧ କାରଣରୁ ସୁଦୂରପ୍ରସାରୀ ଅସୁବିଧା ଦେଇ ଗତି କରୁଛି ସାରା ବିଶ୍ୱ । ତେବେ ସାରା ବିଶ୍ୱ ଆର୍ଥିକ ସମସ୍ୟା ଦେଇ ଗତି କରୁଛି, ଖାସକରି ତୈଳ ଏବଂ ୟୁରିଆ ଭଳି ଆବଶ୍ୟକୀୟ ବସ୍ତୁ ମାମଲା ଜଡିତ । ଯୁଦ୍ଧରୁ ଉତ୍ପନ୍ନ ହୋଇଥିବା ଆର୍ଥିକ ଉଥାନ-ପତନରେ ଭାରତ ରଣନୀତିକ ପଦକ୍ଷେପ ସହ ଗତି କରୁଛି । ତୈଳ ଏବଂ ୟୁରିଆ ଭଳି ଆବଶ୍ୟକୀୟ



ସାମଗ୍ରୀରେ ବିଶ୍ୱ ବ୍ୟାଘାତ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମୂଲ୍ୟ ପରିଚାଳନା ତଥା ନାଗରିକଙ୍କ ପାଇଁ ସୁନିଶ୍ଚିତ କରିବା ଲାଗି ଅର୍ଥନୈତିକ ଅସ୍ଥିରତା ଦେଖାଯାଇଛି । ତୈଳ ଏବଂ ୟୁରିଆ ପାଇଁ ଆମଦାନୀ ଉପରେ ଭାରତର ନିର୍ଭରତା ଭଳି ବିଶ୍ୱ ବାଧା ପ୍ରତି ସମ୍ବେଦନଶୀଳ ବୋଲି କହିଥାଏ । ରୁଷ-ୟୁକ୍ରେନ ଏହି ଦୁଇଟି ମୁଖ୍ୟ ଜିନିଷର ଯୋଗାଣକାରୀ, ଯିଏ ଯୁଦ୍ଧ ପାଇଁ ଏହାର ମୂଲ୍ୟ ଅଧିକ ଦରରେ ବିକ୍ରି କରୁଛି । ଏହି ଚ୍ୟାଲେଞ୍ଜ ସତ୍ତ୍ୱେ, ତୈଳ ଏବଂ ୟୁରିଆ ଦୁହିଁଙ୍କ ସ୍ଥିର ପ୍ରବାହକୁ ସୁନିଶ୍ଚିତ କରିବାକୁ ଭାରତର କୂଟନୈତିକ ପ୍ରୟାସ ମହତ୍ତ୍ୱପୂର୍ଣ୍ଣ ଅଟେ । ଭାରତର ତୈଳ ଆମଦାନୀ ଉତ୍ସଗୁଡ଼ିକରେ ଏକ ନାଟକୀୟ ପରିବର୍ତ୍ତନକୁ ସୂଚିତ କରେ । ରୁଷ ଭାରତର ସର୍ବବୃହତ ତୈଳ ଯୋଗାଣକାରୀ ହୋଇପାରିଛି, ଯାହା ବର୍ତ୍ତମାନ ଦେଶର ମୋଟ ତୈଳ ଆମଦାନୀରୁ ୨୦% ରୁ ଅଧିକ ଅଟେ, ଯାହା ଯୁଦ୍ଧ ପୂର୍ବରୁ ମାତ୍ର ୨% ଥିଲା । ବିଶ୍ୱସ୍ତରୀୟ ଉତ୍ତେଜନା ସତ୍ତ୍ୱେ ସ୍ଥାୟୀ ତୈଳ ଯୋଗାଣକୁ ବଜାୟ ରଖିବାରେ ଭାରତର ସଫଳ କୂଟନୈତିକ କାର୍ଯ୍ୟକଳାପ ପ୍ରତିଫଳିତ ହୋଇଛି ।

# ବାଇକ ଚୋରୀ ରାକେଟର ୬ ଗିରଫ, ୯ ବାଇକ ଜବତ

**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଏକ ବାଇକ ଚୋରୀ ର୍ୟାକେଟ୍‌ର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ୯ଟି ଚୋରୀ ବାଇକ ସମେତ ୬ଟି ମୋବାଇଲ ଫୋନ ଜବତ କରିଛି । ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି । ଏସମ୍ପର୍କରେ ଆଜି ଟାଉନ ଥାନା ପକ୍ଷରୁ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ ଯୋଗଦେଇ କହିଥିଲେ ଯେ ଗତ ୩ତାରିଖରେ ପୁରୁଣା ମେଡିକାଲ ଛକ ନିକଟସ୍ଥ ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖା ସମ୍ମୁଖରୁ ଏକ ବାଇକ ଚୋରୀ ହୋଇଥିବା ନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତି କରି ଥାନା କେଶ ନମ୍ବର ୧୮୩/୨୦୨୪ରେ ଭାରତୀୟ ନ୍ୟାୟ ସଂହିତାର ଦଫା ୩୦୩(୨)ରେ ଏକ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଜାରି ରହିଥିଲା । ୪ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ଟାଉନ ଥାନା ଏ.ଏସ. ଆଇ. ଅଶୋକ କୁମାର ମାଝି ତୁଳସୀ ମହିଳା ମହାବିଦ୍ୟାଳୟ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ସେହି ରାସ୍ତା ଦେଇ ଜଣେ ଯୁବକ ଅତ୍ୟନ୍ତ ଦ୍ରୁତ ଗତିରେ ଯାଉଥିବାର ଦେଖି ତାକୁ



ଅଟକାଇଥିଲେ । ସେହି ଗାଡିର କାଗଜପତ୍ର ଯାଞ୍ଚ କରିବାକୁ ପୋଲିସ ମାଗିବାରୁ ଯୁବକ ଜଣଙ୍କ କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ପୋଲିସ ସେହି ବାଇକ ଓ ଯୁବକ ଜଣଙ୍କୁ ଥାନାକୁ ଆଣି ତଦନ୍ତ କରିବାରେ ସେହି ବାଇକଟି ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରୁ ଚୋରୀ ହୋଇଥିବା ବାଇକ ବୋଲି ଜଣାପଡିଥିଲା । ବାଇକ ନେଇ ଦ୍ରୁତ ଗତିରେ ଯାଉଥିବା ଯୁବକ ଜଣଙ୍କ ହେଉଛନ୍ତି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମାଟିଆ ଗ୍ରାମର ବିଦ୍ୟାଧର ମଲିକଙ୍କ ପୁଅ କାହ୍ନୁ ଓରଫ ଡଗୁଆ ଓରଫ କାହ୍ନୁ ଚରଣ ମଲିକ । ଏହି ବାଇକ ଚୋରୀ ଘଟଣାକୁ ନେଇ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରିଥିଲେ । ସେହି ଟିମ କାହ୍ନୁକୁ ପଚରା ଉଚୁରା କରିବାରେ ତା' ପାଖରୁ ତଥ୍ୟ ହାସଲ କରି ତାଳଚୂଆ ସାମୁଦ୍ରକ ଥାନା ଅଧିନ ତାଳଚୂଆ ବଜାରରେ ଥିବା ଏକ ଗ୍ୟାରେଜରୁ ୯ଟି ଚୋରା ବାଇକ ପୋଲିସ ଜବତ କରିବା ସହ ସେହି ବାଇକ ଚୋରୀ ର୍ୟାକେଟରେ ସଂପୃକ୍ତ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା । ଏଥିସହିତ ସେମାନଙ୍କ ଠାରୁ ୬ଟି ମୋବାଇଲ ଫୋନ ମଧ୍ୟ ପୋଲିସ ଜବତ କରିଥିଲା । ଏହି ବାଇକ ଚୋରୀ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୨ଜଣ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇନାହିଁ । ଏହି ବାଇକ ଚୋରୀ ର୍ୟାକେଟର ମାଷ୍ଟର ମାଇଣ୍ଡ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମାଟିଆ ଗ୍ରାମର ବିଦ୍ୟାଧର ମଲିକଙ୍କ ପୁଅ କାହ୍ନୁ ଓରଫ ଡଗୁଆ ଓରଫ କାହ୍ନୁ ଚରଣ ମଲିକ, ତାଳଚୂଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ଗ୍ରାମର ସପନ ଜେନାଙ୍କ ପୁଅ ଗୋବିନ୍ଦ ଜେନା(୩୪), ସେହି ଥାନା ଅନ୍ତର୍ଗତ ଶୈଳେନ୍ଦ୍ରନଗର(କୃଷ୍ଣନଗର) ଗ୍ରାମର ଜିଆତ୍ ଅଲ୍ଲୀ ଖାନ୍‌ଙ୍କ ପୁଅ ରହେମାନ ଅଲ୍ଲୀଖାନ(୨୮),ସେହି ଥାନା ଅନ୍ତର୍ଗତ ଗରଡ ଗ୍ରାମର ବାଦଲ ଦାସଙ୍କ ପୁଅ ଶକ୍ତିପଦ ଦାସ(୨୭), ସେହି ଥାନା ଅନ୍ତର୍ଗତ ତ୍ରିଲୋଚନପୁର(ଡାଙ୍ଗମାଳ) ଗ୍ରାମର ବିମଳ କୁମାର ଜାନାଙ୍କ ପୁଅ ସହଦେବ ଜାନା(୩୩) ଓ ସେହି ଥାନା ଅନ୍ତର୍ଗତ ରଙ୍ଗଣୀ ଗ୍ରାମର ବାସୁଦେବ ଭୂୟାଁଙ୍କ ପୁଅ ଟିଙ୍କୁ ଭୂୟାଁ(୩୪)କୁ ପୋଲିସ ଗିରଫ କରି ଥାନା କେଶ ନମ୍ବର ୧୮୫/୨୦୨୪ରେ ଭାରତୀୟ ନ୍ୟାୟ ସଂହିତାର ଦଫା ୩୦୩(୨)/ ୩୧୭(୨)/ ୩(୫)ରେ ଆଜି କୋର୍ଟ ଚାଲାଣ କରିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଧଳ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ତାଳଚୂଆ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ ଥାନା ସବଇନିସପେକ୍ଟର ରତିକାନ୍ତ ନାୟକ, ଏ.ଏସ.ଆଇ. ତଥା ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଶୋକ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ



**ଧର୍ମଶାଳା,(ନି.ପ୍ର):** ଧର୍ମଶାଳା ବ୍ଲକ କୁମାରୀ ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ବିଭିନ୍ନ ପଂଚାୟତର ଶତାଧିକ ବିଜେଡି କର୍ମୀ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ୨୪ ବର୍ଷର ବିଜେଡି ସରକାରରେ ପଂଚାୟତ ଗୁଡିକରେ କରାଯାଇଥିବା ବିକାଶ ମୁଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ବିରୋଧ କରି ବିଜେଡି ଦଳର ବହୁ ଅସନ୍ତୁଷ୍ଟ କର୍ମୀ ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି । ଆୟୋଜିତ ଏହି ମିଶ୍ରଣ ପର୍ବରେ ଚୋରମୁହାଁ, ଅଭୟପୁର, ଆରୁହା, କୁମାରୀ ଗ୍ରାମ ପଂଚାୟତର ବହୁ ବିଜେଡ ସମର୍ଥୀତ ସରପଂଚ, ସମିତିସଭ୍ୟ ୱାର୍ଡ ସଭ୍ୟଏବଂ ଯୁବ ଛାତ୍ର ବିଜେଡି କର୍ମୀ ମାନେ ବିଜେଡି ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବେଶ୍ୱର ବେହେରା, ଶ୍ରୀକାନ୍ତ ସାହୁ,ଆଲୋକ ଲେଙ୍କା, ଚନ୍ଦ୍ରମଣିପଣ୍ଡିତ, ଉପେନ୍ଦ୍ର କର, ରବୀନ୍ଦ୍ର ବରାଳ, ସବ୍ୟସଚି ସୁନ୍ଦର ରାୟ, ଅଭିଷେକ ରାଉତ, ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ବିଜେପିରେ ସାମିଲ ହୋଇଥିବା କର୍ମୀ ଓ ପଂଚାୟତ ସ୍ତରୀୟ ଲୋକପ୍ରତିନିଧିମାନଙ୍କୁ ବିଧାୟକ ଶ୍ରୀ ସାହୁ ଦଳୀୟ ଟୋପି ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଧର୍ମଶାଳା,(ନି.ପ୍ର):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କଲେଜ ଅଧକ୍ଷ ବେଣୁଧର ଶରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଶାଖା ସଭାପତି ଆଶାତରୁ ନାୟକ,ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଦେଷ୍ଟା ଡ଼କ୍ଟର ରାଜ କିଶୋର ପାଢ଼ୀ, ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ଜିଲା ସଂପାଦକ ବିବେକାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଂଗଠନର ନୀତି ଆଦର୍ଶ ଓ ତାର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବ୍ଲକ ଶାଖା ଉପସଭାପତି ବିଜୟ କୁମାର ମିଶ୍ର, ସଂଗଠନ ସଂପାଦକ ପୀତବାସ ପାତ୍ର, ବଟକୃଷ୍ଣ ସାହୁ, ଭିକାରୀ ମଲ୍ଲିକ, ଅଭିରାମ ନନ୍ଦ, ସତ୍ୟାନନ୍ଦ ମହାନ୍ତି, ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଦୀପାଂଚଳ କମିଟି ପାଇଁ କର୍ମକର୍ତା ଓ ସଦସ୍ୟ ମାନଙ୍କୁ ମନୋନୟନ କରିଥିଲେ । ଏଥିରେ ସଭାପତି ଭାବେ ଚିତରଞ୍ଜନ ମହାନ୍ତି, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସଂପାଦକ ବିରଞ୍ଚି ନାରାୟଣ ସାହୁ, ସହ ସଂପାଦକ ରାମଚନ୍ଦ୍ର ବାରିକ,ସଂଗଠନ ସଂପାଦକ ଚିନ୍ତାମଣି ବେହେରା, କୋଷାଧ୍ୟକ୍ଷ କୁଳମଣି ମଲ୍ଲିକ । ବେଣୁଧର ଶରଣ, ବୈଦ୍ୟନାଥ ମହାନ୍ତି, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ଦାସ ଓ ମାଗୁଣି ପୃଷ୍ଟି ପ୍ରମୁଖଙ୍କୁ କମିଟିର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ସଦସ୍ୟ ରାମଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

# ଜଙ୍ଗଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ଫୁଲବାଣୀ,(ନିପ୍ର):** ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ସମ୍ମୁଖରେ ଥିବା କୁସାସରୁ ଜଙ୍ଗଲରୁ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି । ଛାତ୍ରୀ ଜଣକ ପିନ୍ଧିଥିବା ୟୁନିଫର୍ମରୁ ସେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ଜଣାପଡିଛି । ମୃତଦେହ ପାଖରେ ଛାତ୍ରୀଙ୍କ ବ୍ୟାଗ ଓ ମୋବାଇଲ ଫୋନ ରହିଛି । ଛାତ୍ରୀ ଜଣକ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତର ବୋଲି ଜଣାପଡିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୧୧/୨୪) ରୁଜୁ ହୋଇଥିବା ବେଳେ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି କି କେହି ତାଙ୍କୁ ହତ୍ୟା କରିଛି ତାହା ଅସ୍ପଷ୍ଟ ରହିଛି । ପୁଲିସ ଏ ଦିଗରେ ତଦନ୍ତ ଚଳାଇଛି । ପରିବାର ଲୋକଙ୍କ କହିବା ଅନୁସାରେ, ଛାତ୍ରୀ ଜଣକ ଟିକାବାଲି ଥାନା ଲାଇନପଡା ଅଞ୍ଚଳର ଜଣେ ଯୁବକଙ୍କୁ ବର୍ଷେ ତଳେ ଭଲପାଇ ତାଙ୍କ ସାଙ୍ଗରେ ଚାଲିଯାଇଥିଲେ । ପରେ ପରିବାର ଲୋକେ ବୁଝାଶୁଝା କରିବା ସହ ଝିଅକୁ ଘରକୁ ନେଇଆସିଥିଲେ । ଚଳିତ ବର୍ଷ ପାଠ ପଢିବା ପାଇଁ ପରିବାର ଲୋକେ ତାଙ୍କୁ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ଅନ୍ୟପଟେ ପରିବାର ଲୋକେ ଝିଅର ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭଯୋଗ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଫିରିଙ୍ଗିଆ ଥାନା ଅଧିକାରୀ କହିଛନ୍ତି ।

# ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ପ୍ରଶାସନ ତତ୍ପର

**ରାୟଗଡ଼,(ନି.ପ୍ର) :** ସ୍ଥାନୀୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ପାରୁଲ ପଟାୱରୀ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀମତୀ ପଟାୱରୀ ସୁଭଦ୍ରା ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି କହିଥିଲେ ଯେ ପ୍ରତ୍ୟେକ ଅଙ୍ଗନବାଡି କର୍ମୀ, ପଞ୍ଚାୟତ ଓ ବ୍ଲକ ସ୍ତରରେ ଏହି ଫର୍ମ ଉପଲବ୍ଧ କରାଯାଇଛି । ଜିଲ୍ଲା ସ୍ତରରେ ୪ ଲକ୍ଷ ଫର୍ମ ଆବଶ୍ୟକ ବୋଲି ଏକ ଆକଳନ କରାଯାଇ ୭୨୭ଟି ଜନସେବା କେନ୍ଦ୍ରରେ, ୧୦୦ଟି ମୋ ସେବା କେନ୍ଦ୍ରରେ ଓ ୨୦୮୩ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଫର୍ମ ପୂରଣ ମିଳିବାର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଜିଲ୍ଲାରେ ପ୍ରାଥମିକ ସ୍ତରରେ ୧୪୧୨ ଜଣ ସି ଆର ପି , ୧୭୧ ଜଣ ଏମ ବି କେ, ୨୦୮୩ ଜଣ ଅଙ୍ଗନବାଡି କର୍ମୀ, ୭୨ ଜଣ ଆଇ ସି ଡି ଏସ ସୁପରଭାଇଜର, ୮୨୭ ଜଣ ଜନ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରର କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧୧ଟି ବ୍ଲକ ଓ ୩ଟି ସହରାଞ୍ଚଳର ପ୍ରତ୍ୟେକ ଗ୍ରାମ ଓ ୱାର୍ଡ ସ୍ତରରେ ସରକାରୀ ବ୍ୟବସ୍ଥା ଦ୍ୱାରା ଲୋକ ମାନଙ୍କୁ ଫର୍ମ ପୂରଣ କରିବାର ପ୍ରକ୍ରିୟା ଓ ଯୋଗ୍ୟ ହିତାଧିକାରୀ ମାନଙ୍କ ବିଷୟରେ ସଚେତନ କରାଯାଉଛି । ଜିଲ୍ଲା ସ୍ତରରେ ଓ



ବ୍ଲକ ସ୍ତରରେ ତଦାରଖ କରିବା ପାଇଁ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଗୋଟିଏ ଗୋଟିଏ ତଦାରଖ କମିଟିର ବ୍ୟବସ୍ଥା କରାଯାଇଛି । ତାଲିମ ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସିଡିପିଓ ମାନେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଯଦି କୌଣସି ଅଭିଯୋଗ ଆସୁଛି ସେଥିପାଇଁ ତୁରନ୍ତ ଘଟଣାକୁ ବୁଝି ଓ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆ ଯାଉଛି । ଯଦି କାହାର କିଛି ଅଭିଯୋଗ ଥାଏ କିମ୍ବା କୌଣସି ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ୧୪୬୭୮ଦେୟ ମୁକ୍ତ/ ଟୋଲ ଫ୍ରି ହେଲ୍ପ ଲାଇନ ମଧ୍ୟରେ ଯୋଜନା ସମ୍ପର୍କରେ ଯୋଗାଯୋଗ କରି ପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସୁଭଦ୍ରା ଯୋଜନା ନିମନ୍ତେ ଜିଲ୍ଲାର ନୋଡାଲ ଅଧିକାରୀ ନିହାର ରଞ୍ଜନ କହଁର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ, ମିଶନ ଶକ୍ତି ଜିଲ୍ଲା ପରିଚାଳକ ହେମନ୍ତ ବାଗ, ମମତା ଯୋଜନାର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ଅନୁସୂଚୀତ ଜାତି ଓ ଜନଜାତି କର୍ମଚାରୀ ସମନ୍ୱୟ ପରିଷଦର ନୂତନ କର୍ମକର୍ତ୍ତା ଚୟନ

**ରାଜନଗର,(ନି.ପ୍ର):** ଓଡିଶା ଜନସୂଚୀତ ଜାତି ଓ ଜନଜାତି କର୍ମଚାରୀ ସମନ୍ୱୟ ପରିଷଦର ବୈଠକ ରାଜନଗର ବ୍ଲକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଜଙ୍ଗଲ, ପଚାଂୟତରାଜ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ । ଜିଲ୍ଲା ସଂଘର ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ ସଂଘର ପଦାଧିକାରୀ ଚୟନ କରାଯାଇଥିଲା । ସଭାପତି ଭାବେ ତ୍ରୈଲୋଚନ ଦାସ, କାର୍ଯ୍ୟକାରୀ ସଭାପତି କେଶବାନନ୍ଦ ସେଠୀ, ସଂପାଦକ ପ୍ରଶାନ୍ତକୁମାର ସେଠି, ସହ- ସଂପାଦକ ବିରାମ ସୋରେନ, ସଙ୍ଗଠନ ସଂପାଦକ ଉତମକୁମାର ମଳିକ, ନିଯୁକ୍ତି ସଂପାଦକ ବିବେକାନନ୍ଦ ମଳିକ, ସାଂସ୍କୃତିକ ସଂପାଦକ କିରତି କୁମାର ମଳିକ, ଅର୍ଥ ସଂପାଦକ ପରେଶ କୁମାର ମଳିକ, ସଙ୍ଗଠନ ସହ ସଂପାଦକ ନବୀନକୁମାର ମଲ୍ଲିକ, ସାଂସ୍କୃତିକ ସହ ସଂପାଦକ ମହେନ୍ଦ୍ରକୁମାର ମଳିକ, ନିଯୁକ୍ତି ସହ ସଂପାଦକ ଭାବେ ଚନ୍ଦ୍ରଶେଖର ହାଂସଦାଙ୍କ ନାମ ଘୋଷଣା କରାଯାଇଥିଲା ।



# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

କାମାକ୍ଷାନଗର, (ନିପ୍ର) : ଢେଙ୍କାନାଳ ବିଜ୍ଞାନକେନ୍ଦ୍ରରେ ଜିଲ୍ଲାସ୍ତରୀୟ ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରସ୍ଥ ପଂଚାୟତରାଜ ହାଇସ୍କୁଲ ଏଥିରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାରୀ କରି ଜୋନ୍ ସ୍ତରକୁ ଉନ୍ନିତ ହୋଇଛି । ଜିଲ୍ଲାରୁ ମଂଚସ୍ଥ ହୋଇଥିବା ୯ଟି ନାଟକ ମଧ୍ୟରୁ ଉକ୍ତ ବିଦ୍ୟାଳୟର ନାଟକ 'ଦୋସ୍ତ' ବିଚାରକମାନଙ୍କୁ ଆକୃଷ୍ଟ କରିଥିଲା । ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ରଚିତ ଓ ଆଇଟି ଶିକ୍ଷକ ସମରେନ୍ଦ୍ର ନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନର୍ମଦା ପ୍ରିୟଦର୍ଶିନୀ ଦାସ, ସ୍ୱାତିସ୍ୱୟଂସିଦ୍ଧା ବ୍ରହ୍ମ, ପ୍ରାଚୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସ୍ମାରକୀ ସ୍ୱୟଂଶ୍ରଦ୍ଧା ସାହୁ, ସାଇସୋମ୍ୟା ଦାସ, ଅବିନାଶ ସାହୁ ଓ ଶୁଭଙ୍କର




ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଅଭିନୟ କରିଥିଲେ । ଶ୍ରେଷ୍ଠ ନାଟକ ସହ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କୁ ଶ୍ରେଷ୍ଠ ନାଟ୍ୟକାର ଓ ସମରେନ୍ଦ୍ର ନାୟକଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟ ଲଗାତାର ଭାବେ ୬ଥର ଜିଲ୍ଲାସ୍ତରରେ ପ୍ରଥମ ଓ ୩ଥର ଜାତୀୟସ୍ତରକୁ ଉନ୍ନିତ ହୋଇ ଭାରତର ବିଭିନ୍ନ ସ୍ଥାନରେ ବଳିଷ୍ଠ ବିଜ୍ଞାନ ନାଟକ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛି । ଏହି ସଫଳତା ପାଇଁ ସାଧାରଣ ମହଲରୁ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟିଛି । ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବିଜ୍ଞାନ ପରିବାକୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଲାଇଫ୍ ହୋଟେଲରେ ବଙ୍ଗଳା ଖାଦ୍ୟର ମଜା

**ଭୁବନେଶ୍ୱର,୧୩।୯ (ମହାଭାରତ):** ଲାଇଫ୍ ହୋଟେଲ ଭୁବନେଶ୍ୱର ଏଲ୍‌ୱାଇଏଫ୍‌ଇ କିଚେନ୍‌ରେ ବିବିଧ ବଙ୍ଗଳା ଫୁଡ୍ ପପ୍ ଅପ୍ ଜରିଆରେ ପଶ୍ଚିମବଙ୍ଗର ସମୃଦ୍ଧ ସାଂସ୍କୃତିକ ଦକ୍ଷତା ହାସଲ କରନ୍ତୁ । ଲାଇଫ୍ କିଚେନ୍‌ର ସେଫ୍ ମାନେ ଏକ ବିସ୍ତୃତ ଭୋଜି ପ୍ରସ୍ତୁତ କରିବାକୁ ପ୍ରସ୍ତୁତ ଅଛନ୍ତି ଯାହା ଆପଣଙ୍କୁ ପଶ୍ଚିମବଙ୍ଗର ହୃଦୟକୁ ପହଂଚାଇବାର ପ୍ରତିଶ୍ରୁତି ଦେଇଥାଏ ।

ଆପଣ ଏହି ବିବିଧ ଚୟନର ମଜା ନେଉଥିବା ବେଳେ, ଆପଣଙ୍କ ରୋଷେଇ ଯାତ୍ରା ମଜାଦାର ବଙ୍ଗଳା ଖାଦ୍ୟ ସହିତ ଆରମ୍ଭ ହୁଏ ଏବଂ ଏହା ପରେ ମଳାଇ ଚିଙ୍ଗରି, କୋଶା ମଙ୍ଗଶୋ, ଆଳୁ ପୋଷ୍ଟୋ, ଦହି ମାଚ ଏବଂ ଗୁର ରସଗୋଲା ପରି ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ଆରମ୍ଭ ହୁଏ । ପାରମ୍ପରିକ ଗୁରୁ ରସଗୋଲାର ଚୟନ ଦ୍ୱାରା ଏହି ଭୋଜନ ଶେଷ ହୁଏ, ଯାହା ରାଜ୍ୟର ଆନନ୍ଦମୟ ଭାବନା ପ୍ରତି ଏକ ମଧୁର ସମର୍ପଣକୁ ପ୍ରେରଣା ଦେଇଥାଏ । ଏକ ପ୍ରାମାଣିକ ଏବଂ ଅତୁଳନୀୟ ଭୋଜନ ଅନୁଭୂତି ସୁନିଶ୍ଚିତ କରିବା ପାଇଁ ପାରମ୍ପରିକ ପଦ୍ଧତି ବ୍ୟବହାର କରି ପ୍ରତ୍ୟେକ ପ୍ରସ୍ତୁତି ହାତରେ ତିଆରି କରାଯାଏ । ଏହି ବେଙ୍ଗଲ ଖାଦ୍ୟ ସେପଟେମ୍ବର ୮ରୁ ୧୪, ୨୦୨୪ରେ ଉପଲବ୍ଧ । ଏହି ସ୍ୱାଦ ଉଭୟ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ସମୟରେ ଉପଲବ୍ଧ । ସ୍ପେଶାଲ ପ୍ରାଇସ: କେବଳ ୧,୭୯୯/- ଟଙ୍କା ।

## ସିବିଏସଇ ଜୋନାଲ ତାଇକୋଣ୍ଡରେ ଆଦିତିଙ୍କ ସଫଳତା



କେନ୍ଦୁଝରଗଡ଼, ୧୩।୯: ପଶ୍ଚିମବଙ୍ଗର ଏଚ.ଏମ୍. ଏଜୁକେସନାଲ ସେଣ୍ଟର ହୁଗୁଲିଠାରେ ସିବିଏସ୍‌ଇ ଫାର ଜୋନାଲ ତାଇକୋଣ୍ଡ ପ୍ରତିଯୋଗିତା-୨୦୨୪ରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କେନ୍ଦୁଝରର ଏକାଦଶ ଶ୍ରେଣୀର ଛାତ୍ରୀ ଆଦିତି ଦାସ ସଫଳତା ଅର୍ଜନ କରିଛନ୍ତି। ୭୫ କିଗ୍ରା ଓଜନ ବର୍ଗରେ ତୃତୀୟସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଆଦିତି କେନ୍ଦୁଝର ରାମମନ୍ଦିର ନିକଟ ରାମ ନାରାୟଣ ଦାସ ଓ ସ୍ୱରୂପା ଦାସଙ୍କ କନ୍ୟା ତଥା ଜିଲା କ୍ରୀଡା ସଂସ୍ଥା କେନ୍ଦୁଝରର ପୂର୍ବତନ ଯୁଗ୍ମସମ୍ପାଦକ ରବି ନାରାୟଣ ଦାସଙ୍କ ନାତୁଣୀ ଆଦିତି ଭବିଷ୍ୟତରେ ଜଣେ ସଫଳ କ୍ରୀଡାବିତ ହେବା ଲକ୍ଷ୍ୟ ରଖିଛନ୍ତି।

# ଭାରତୀୟ ପାରା ଆଥଲେଟ ମାନଙ୍କୁ ଇଣ୍ଡିଆନ ଅଏଲ ପକ୍ଷରୁ ସମ୍ବର୍ଦ୍ଧନା





ପାରାଦୀପ/ନୂଆଦିଲ୍ଲୀ, ୧୩।୯: ପ୍ୟାରିସ ଠାରେ ଅୟୋଜିତ ପାରାଲିମ୍ପିକ୍-୨୦୨୪ ରେ ଶ୍ରେଷ୍ଠ ଐତିହାସିକ ପ୍ରଦର୍ଶନ ପାଇଁ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରତୀୟ ତୈଳ ନିଗମ ପକ୍ଷରୁ କୃତି ଭାରତୀୟ ପାରା-କ୍ରୀଡ଼ାବିତ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧନା କରାଯାଇଥିଲା ଶେଷ ହୋଇଥିବା ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଏକ ରେକର୍ଡ ୭ ଟି ସ୍ୱର୍ଣ୍ଣ, ୯ ଟି ସିଲଭର ଏବଂ ୧୩ ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା ଇଣ୍ଡିଆନ୍ ଅଏଲ୍ସ ସହଯୋଗରେ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଦେଶରେ ପାରାଲିମ୍ପିକ୍ ଖେଳ ପାଇଁ ଅକ୍ଟୋବର ୨୦୨୩ ପରଠାରୁ ଭାରତୀୟ ପାରା-କ୍ରୀଡ଼ାବିତଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ରକଶା ନୀଖିଲ ଖଡ଼ସେଙ୍କ ସମେତ ଏମଓପିଏନ ଜି ସଚିବ ପଙ୍କଜ ଜେନ, ଇଣ୍ଡିଆନ ଅଏଲ ମାର୍କେଟିଙ୍ଗ ଅଧକ୍ଷ ତଥା ନିର୍ଦ୍ଦେଶକ ସତୀଶ କୁମାର ଓ ପିସିଆଇର ସଭାପତି ଦେବେନ୍ଦ୍ର ଝାଝରିଆ ପ୍ରମୁଖ ଉପସ୍ଥିତ ରହି ସଫଳ କ୍ରୀଡ଼ାବିତ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସମ୍ମାନିତ କରିଥିଲେ। ଏହି ଅବସରରେ ଏମଓପିଏନଜି ସଚିବ ଶ୍ରୀ ଜେନ ପାରା-କ୍ରୀଡ଼ାବିତଙ୍କୁ ସେମାନଙ୍କ ସଫଳତା ପାଇଁ ପ୍ରଶଂସା କରିବା ସହ ଏହି ଖେଳାଳିମାନଙ୍କ ପାଇଁ ମାସିକ ଛାତ୍ରବୃତ୍ତି, ଡାକ୍ତରୀ ବୀମା ଏବଂ କ୍ରୀଡା କିଟ୍ ପ୍ରଦାନ କରି ଇଣ୍ଡିଆନ୍ ଓଏଲ୍ ଏହାର ସମର୍ଥନକୁ ଆହୁରିବୃଦ୍ଧିକରିବ ବୋଲିଘୋଷଣା କରିଥିବା ନେଇ ଇଣ୍ଡିଆନ୍ ଅଏଲ କର୍ପୋରେଟ୍ କମ୍ୟୁନିକେସନ ଓ କୋର୍ଡିନେସନ ସଂସ୍ଥା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ।

## କଡ଼ା ସୁରକ୍ଷାରେ ଚେନ୍ନାଇ ପହଞ୍ଚିଲେ ବିରାଟ, ରୋହିତ

ଚେନ୍ନାଇ, ୧୩।୯: ଭାରତୀୟ କ୍ରିକେଟ ଦଳର ଭେଟେରାନ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଶ୍ରୀଲଙ୍କା ବିପକ୍ଷ ଏକ ଦିବସୀୟ ସିରିଜ ପରେ ଲଣ୍ଡନ ଯାଇଥିଲେ, କିନ୍ତୁ ସେ ୧୯ତାରିଖରୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତ ଫେରିଛନ୍ତି ଏବଂ ଚେନ୍ନାଇରେ ଦଳରେ ଯୋଗ ଦେଇଛନ୍ତି। ସେହିପରି ଅଧିନାୟକ ରୋହିତ ଶର୍ମାଙ୍କୁ କଡ଼ା ସୁରକ୍ଷା ମିଳିଛି। ପ୍ରଥମ ଟେଷ୍ଟର ଏକ ସପ୍ତାହ ପୂର୍ବରୁ ଚେନ୍ନାଇରେ ଟିମ ଇଣ୍ଡିଆର ତାଲିମ ଶିବିର ଆୟୋଜିତ ହୋଇଛି। ଯେତେବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଚେନ୍ନାଇ ବିମାନବନ୍ଦରରୁ ହୋଟେଲକୁ ଯାଉଥିଲେ, ସେତେବେଳେ ତାଙ୍କର ସୁରକ୍ଷା ଦେଖିବା ଭଳି ଥିଲା। ବିରାଟଙ୍କ ସୁରକ୍ଷା ଅତ୍ୟନ୍ତ କଡାକଡି ଥିଲା। ସିଏସଏଫ ଯବାନଙ୍କ ବ୍ୟତୀତ ସ୍ଥାନୀୟ ବରିଷ୍ଠ ପୋଲିସ କର୍ମଚାରୀ ମଧ୍ୟ ତାଙ୍କ ସୁରକ୍ଷାରେ ଥିଲେ ଏବଂ ତାଙ୍କୁ ସୁରକ୍ଷା ବାହିନୀର ତତ୍ତ୍ୱାବଧାନରେ ଟିମ ସହ ହୋଟେଲକୁ ନିଆଯାଇଥିଲା ।

# ବର୍ଷା ପାଇଁ ଧୋଇଗଲା ପୁରା ମ୍ୟାଚ୍

## ଭାରତର ୯୧ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ ଘଟଣା



ଗ୍ରେଟର ନୋଏଡା, ୧୩।୯: ଆଫଗାନିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଗ୍ରେଟର ନୋଏଡା ଟେଷ୍ଟକୁ ରଦ୍ଦ କରାଯାଇଛି। ଏପରିକି ଶୁକ୍ରବାର ଗୋଟିଏ ବି ବଲ ବୋଲିଂ କରାଯାଇପାରି ନାହିଁ କିମ୍ବା ଏହି ଟେଷ୍ଟରେ ଟସ ମଧ୍ୟ ହୋଇନାହିଁ ଆଜି ପ୍ରବଳ ବର୍ଷା ହେତୁ ଶେଷ ଦିନର ଖେଳକୁ ବାତିଲ କରିବାକୁ ସକାଳେ ନିଷ୍ପତ୍ତି ନିଆଯାଇଥିଲା ।୧୯୩୩ ପରଠାରୁ ଭାରତରେ ଟେଷ୍ଟ ଖେଳାଯାଉଛି ଏବଂ ଏହା ପ୍ରଥମ ଥର ଯେ ଭାରତୀୟ ମାଟିରେ ଟେଷ୍ଟ ମ୍ୟାଚ ବିନା ଟସ କିମ୍ବା ବିନା ବଲରେ ରଦ୍ଦ ହୋଇଛି ।ଏହାପୂର୍ବରୁ ଏସିଆର କେବଳ ଗୋଟିଏ ମ୍ୟାଚକୁ ଗୋଟିଏ ବଲ ବୋଲିଂ ନ କରି ବାତିଲ କରିଦିଆଯାଇଥିଲା ୧୯୮୮ରେ ଫୈସଲାବାଦରେ ପାକିସ୍ତାନ ଏବଂ ଜିମ୍ବାବେ ମଧ୍ୟରେ ହୋଇଥିବା ମ୍ୟାଚରେ ଏହା ଘଟିଥିଲା ମୋଟାମୋଟି ଭାବେ ସମଗ୍ର ବିଶ୍ୱରେ କେବଳ ୭ଟି ଟେଷ୍ଟକୁ ଗୋଟିଏ ବଲ ବୋଲିଂ ନ ହୋଇ ରଦ୍ଦ କରାଯାଇଛି।

ଏହି ଟେଷ୍ଟର ସମସ୍ତ ପାଞ୍ଚ ଦିନ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ରେ ଗୋଟିଏ ବି ବଲ ବୋଲିଂ କରାଯାଇପାରି ନ ଥିଲା ପ୍ରଥମ ଦୁଇ ଦିନରେ ଆଉଟଫିଲ୍ଡ ଆର୍ଦ୍ର ହୋଇ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବାକୁ ଗ୍ରାଉଣ୍ଡର ପ୍ରସ୍ତୁତତା ଉପରେ ପ୍ରଶ୍ନ ଉଠାଇଥିଲା ଏଥି ସହିତ ବର୍ଷା ହେତୁ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ଖେଳ ଖେଳାଯାଇ ପାରିଲା ନାହିଁ ଟେଷ୍ଟ କ୍ରିକେଟ ଇତିହାସରେ ଏହା ହେଉଛି ଅଷ୍ଟମ ମ୍ୟାଚ ଯେତେବେଳେ ବଲ ବୋଲିଂ ନ କରି ମ୍ୟାଚ ରଦ୍ଦ କରାଯାଇଥିଲା।

# ଭାରତୀୟ ଦଳ ସହ ଯୋଗଦେଲେ ମୋର୍କେଲ

ନୂଆଦିଲ୍ଲୀ, ୧୩।୯: ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ସିରିଜ ପାଇଁ ଆଜି ଚେନ୍ନାଇରେ ପହଞ୍ଚିଛି ଟିମ୍ ଇଣ୍ଡିଆ। ପ୍ରଥମ ମ୍ୟାଚ ଆସନ୍ତା ୧୯ ତାରିଖରେ ଖେଳାଯିବ। ରୋହିତ ଶର୍ମାଙ୍କ ଅଧିନାୟକ ଟିମ୍ ଆରମ୍ଭ କରିସାରିଛନ୍ତି ଅଭ୍ୟାସ। ଏନେଇ ସୋଶିଆଲ୍ ମିଡିଆରେ ଅପଡେଟ୍ ସେୟାର କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ। ତେବେ ଅଭ୍ୟାସ ମ୍ୟାଚ୍‌ରେ ନଜର ଆସିଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ ବୋଲର ମୋର୍ନେ ମୋର୍କେଲ। ମର୍କେଲ ଟିମ୍ ଇଣ୍ଡିଆର ନୂଆ। ବୋଲିଂ କୋଚ୍ ତାଙ୍କର ଆଗମନ ବୋଲରଙ୍କୁ ବେଶ୍ ସାହାଯ୍ୟ କରିବ ଖାସ୍ କଥା ହେଉଛି ମର୍କେଲ ମଧ୍ୟ ପାକିସ୍ତାନର ବୋଲିଂ କୋଚ୍ ରହିସାରିଛନ୍ତି।

ମର୍କେଲ କିଛି ଦିନ ପୂର୍ବରୁ ଟିମ୍ ଇଣ୍ଡିଆର ବୋଲିଂ କୋଚ୍ ହୋଇଛନ୍ତି ।ସେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ କାମ କରିବେ ।ମର୍କେଲ ଅଭିଜ୍ଞ ଏବଂ ତାଙ୍କ କ୍ୟାରିୟରରେ ସେ ବହୁତ ଘାତକ



ବୋଲିଂ କରିଛନ୍ତି। ମର୍କେଲ କାରଣରୁ ବାଂଲାଦେଶକୁ ନିଶ୍ଚିତ ଭାବେ କ୍ଷତି ସହିବାକୁ ପଡିପାରେ। ଭାରତର ଯଙ୍ଗ ବୋଲରଙ୍କ ପାଇଁ ମର୍କେଲ ବେଶ୍ ସହାୟକ ପ୍ରମାଣିତ ହେବେ। ମହମ୍ମଦ ସିରାଜ, ଆକାଶ ଦୀପ ଏବଂ ଯଶ ଦୟାଲଙ୍କ ପାଇଁ ଏହା ଏକ ଭଲ ସୁଯୋଗ ହେବ।

ତେବେ ମର୍କେଲଙ୍କ କ୍ୟାରିୟର ବିଷୟରେ କହିବାରୁ ଗଲେ ତାଙ୍କର ଟେଷ୍ଟ କ୍ୟାରିୟର ବେଶ୍ ଶାନଦାର ରହିଛି। ସେ ୮୬ଟି ମ୍ୟାଚରେ ୩୦୯ ୱିକେଟ୍ ନେଇଛନ୍ତି। ଏହି ଅବଧି ମଧ୍ୟରେ ଗୋଟିଏ ଇଂନିସରେ ୨୩ ରନ୍ ଦେଇ ୬ ୱିକେଟ୍ ନେବା ତାଙ୍କର ଥିଲା ସର୍ବୋତ୍ତମ ପ୍ରଦର୍ଶନ। ସେ ୧୧୭ଟି ଦିନିକିଆ ମ୍ୟାଚରେ ୧୮୮ଟି ୱିକେଟ୍ ନେଇଛନ୍ତି। ମର୍କେଲ ୪୪ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ୪୭ଟି ୱିକେଟ୍ ନେଇଛନ୍ତି। ଘରୋଇ କ୍ରିକେଟରେ ମଧ୍ୟ ମର୍କେଲ ଭଲ ପ୍ରଦର୍ଶନ କରିଛନ୍ତି। ମର୍କେଲ ମଧ୍ୟ ପାକିସ୍ତାନ କ୍ରିକେଟ୍ ଦଳର ବୋଲିଂ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି। ଏହାସହିତ ସେ ଆଇପିଏଲ ଟିମ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ର କୋଚିଂ ଷ୍ଟାଫ୍ ମଧ୍ୟ ସାମିଲ ହୋଇଥିଲେ। ମର୍କେଲ ଏବଂ ଗମ୍ଭୀର ୨୦୨୨-୨୩ରେ ଲକ୍ଷ୍ନୌ ପାଇଁ ଏକାଠି କାମ କରିଛନ୍ତି। ମର୍କେଲ ଦକ୍ଷିଣ ଆଫ୍ରିକା ୨୦ ଲିଗରେ ଡର୍ବାନ୍ ସୁପର ଜାଏଣ୍ଟସର କୋଚ୍ ମଧ୍ୟ ଥିଲେ।

## ଆନ୍ତଃ ଜିଲ୍ଲା ଏକଦିବସୀୟ ବିଦ୍ୟାଳୟ କ୍ରିକେଟ ନିମନ୍ତେ ଜିଲ୍ଲା ଦଳ ଚୟନ

ନବରଙ୍ଗପୁର, ୧୩।୯: ନବରଙ୍ଗପୁର ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ୧୬ ବର୍ଷରୁ କମ ଆନ୍ତଃ ଜିଲ୍ଲା ଏକଦିବସୀୟ ବିଦ୍ୟାଳୟ କ୍ରିକେଟ ମ୍ୟାଚ ନିମନ୍ତେ ଜିଲ୍ଲା କ୍ରିକେଟ ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ପନ୍ଦର ଜଣିଆ ଦଳ ଘୋଷଣା କରିଛନ୍ତି। ଅଂଶୁମାନ ପଣ୍ଡା ଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆ ଯାଇ ଥିବାବେଳେ , ଲିନ ଲାଜେ, ଯୁବରାଜ ପାଇକ, ସାଇ ରୁଦ୍ର ପାତ୍ର, ଭରତ ସାହୁ, ସ୍ୱାଧୀନ ପଟ୍ଟନାୟକ, ସିଦ୍ଧାର୍ଥ ପଟ୍ଟନାୟକ, ପଙ୍କଜ ସତନାମି, ରଜଦିପ ବାଳା, ସୁମିତ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ରାଉତ, ଅଂଶୁମାନ ପଟ୍ଟନାୟକ, ଏ.ଅକ୍ଷତ, ବିଭୁଦତ୍ତ ମିଶ୍ର ଏବଂ ବୈଭବ କୁମାର ବେହେରା ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି ଚୟନ ପ୍ରକ୍ରିୟା ରେ ଜିଲ୍ଲାର କୋଣ ଅନୁକୋଣ ଖେଳାଳି ମାନେ ଭାଗ ନେଇଥିଲେ।

ଦଳ ଘୋଷଣା ସମୟରେ କ୍ରିକେଟ୍ ସଂଘର ସଭାପତି ଦେବାଶିଷ ପଟ୍ଟନାୟକ, ଉପ ସଭାପତି ଶୁଭେନ୍ଦୁ ବେହେରା, କାର୍ଯ୍ୟନିର୍ବାହୀ ସଭ୍ୟ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ଏ ରେ ସ୍ଥାନ ପାଇଛନ୍ତି ଓ ଲିଗ୍ ମ୍ୟାଚରେ ଭୁବନେଶ୍ୱର, କେଉଁଝର, କନ୍ଧମାଳ, ଜଗତସିଂପୁର ଏବଂ ନୂଆପଡ଼ା ଦଳ ସହ ନବରଙ୍ଗପୁର ଦଳ ଖେଳିବେ ବୋଲି କ୍ରିକେଟ ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ କହିଛନ୍ତି। ସେହିପରି ଦଳ ସହ କୋଚ ଭାବରେ ସୁବ୍ରତ ଗଣ୍ଡ ଏବଂ ମ୍ୟାନେଜର ଭାବରେ ଶଶାଙ୍କ ଶେଖର ବେହେରା କଟକ ଗସ୍ତ କରିବେ ବୋଲି କ୍ରିକେଟ ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବ୍ୟାନ ହେବେ କ୍ରିକେଟର ମାର୍ନସ ଲାବୁଶେନ !

ନୂଆଦିଲ୍ଲୀ, ୧୩।୯: ଅଷ୍ଟ୍ରେଲୀୟ କ୍ରିକେଟର ମାର୍ନସ ଲାବୁଶେନଙ୍କୁ ଅପ୍ରତ୍ୟାଶିତ ଢଙ୍ଗରେ କରାଯାଇପାରେ ବ୍ୟାନ ମ୍ୟାଚ ବେଳେ ସେ ଫିଲ୍ଡ ଅମ୍ପାୟାରଙ୍କ ସହ ସବୁ ସୀମା ଡେଇଁ ଯୁକ୍ତିତର୍କ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଶଙ୍କା ପ୍ରକାଶ ପାଇଛି ।ଅଷ୍ଟ୍ରେଲିଆରେ ଖେଳା ଯାଉଥିବା ଟି-୨୦ ମାକ୍ସ ଟୁର୍ଣ୍ଣାମେଣ୍ଟର ଗୋଟିଏ ମ୍ୟାଚ୍‌ରେ ଲାବୁଶେନ ନିଜ ରାଗ ଉପରୁ ନିୟନ୍ତ୍ରଣ ହରାଇ ଅମ୍ପାୟାର ଦେଇଥିବା ନିଷ୍ପତ୍ତିକୁ ଜୋରଦାର ବିରୋଧ କରିଛନ୍ତି ମ୍ୟାଚ୍ ପରେ ସେ ଅମ୍ପାୟାରଙ୍କ ପ୍ରତି ଦୁର୍ବ୍ୟବହାର ଚାର୍ଜରେ ଫସିଛନ୍ତି। କିନ୍ତୁ ଏହି ଚାର୍ଜ ଯୋଗୁ ତାଙ୍କ ଉପରେ ବଡ଼ଧରଣର ବ୍ୟାନ ଲାଗି ପାରେ ।ବୁଧବାର ଟି-୨୦ ମାକ୍ସ ଟୁର୍ଣ୍ଣାମେଣ୍ଟର ଗୋଟିଏ ମ୍ୟାଚ୍‌ରେ ଓ ମୁହାଁମୁହିଁ ହୋଇଥିଲେ ମ୍ୟାଚ୍ ବେଳେ ବ୍ୟାଟର ହଗ ଇେବଗନଙ୍କ ସପକ୍ଷରେ ଫିଲ୍ଡ ଅମ୍ପାୟାର ଗୋଟିଏ ନିଷ୍ପତ୍ତି ନେଇଥିଲେ।

ଏହାକୁ ର ଅଧିନାୟକ ଲାବୁଶେନ ଜୋରଦାର ବିରୋଧ କରିଥିଲେ। ଅମ୍ପାୟାର କ୍ୟାଚ୍‌କୁ ବମ୍ପ ବଲ କହିଥିବା ବେଳେ ଲାବୁଶେନ କ୍ୟାଚ୍‌ରେ କୌଣସି ତ୍ରୁଟି ନଥିବା ଯୁକ୍ତି କରିଥିଲେ। ବେଶ କିଛି ସମୟ ଧରି ସେ ଯୁକ୍ତି କରିବା ପରେ ଫିଲ୍ଡିଂ କରିବାକୁ ଯାଇଥିଲେ। ତେବେ



ପରବର୍ତ୍ତୀ ବଲ ପରେ ସେ ପୁଣି ଅମ୍ପାୟାରଙ୍କ ନିକଟକୁ ଆସି ଭୟଙ୍କର ଆଚରଣ ପ୍ରଦର୍ଶନ କରି ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ ସ୍ଥିତି ବେକାବୁ ହେବାରୁ ଅମ୍ପାୟାର ଜଣଙ୍କ ମଧ୍ୟ ରାଗି ଯାଇଥିଲେ ସେ ତୁରନ୍ତ ଲାବୁଶେନଙ୍କୁ ପଡ଼ିଆରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଲାବୁଶେନ ବାଧ୍ୟ ହୋଇ ପଡ଼ିଆ ଛାଡ଼ିବା ପରେ ଦୁଇ ଅମ୍ପାୟାର ଓ ଭାଷ୍ୟକାରମାନେ ଏକାଠି ହୋଇ ଲାବୁଶେନଙ୍କ ଆଚରଣ ଉପରେ ଆଲୋଚନା କରିଥିଲେ ଅମ୍ପାୟାର ଡିସେଣ୍ଟ ଚାର୍ଜର ଲେଭଲ ୨ ଚାର୍ଜରେ ଦଣ୍ଡିତ ହୋଇଥିଲେ ହେଁ ଲାବୁଶେନ ଟ୍ରିବ୍ୟୁନାଲ ଶୁଣାଣିର ସାମ୍ନା କରିବେ ।ଏହି ସମୟରେ ତାଙ୍କ ଉପରେ ବ୍ୟାନ ଲଗାଯାଇପାରେ।

ତେବେ ବ୍ୟାନର ପ୍ରଭାବ ଲାବୁଶେନଙ୍କ ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ଉପରେ ପଡ଼ିବ ନାହିଁ। କାରଣ ସେପ୍ଟେମ୍ବର ୧୯ରୁ ଇଂଲଣ୍ଡ ବିପକ୍ଷ ୫ ଟିକିଅ। ସିରିଜ ପାଇଁ ତାଙ୍କର ଚୟନ ହୋଇ ସାରିଛି ସେ ଏହି ସିରିଜ ଖେଳିବେ। ତେବେ କ୍ୟନସଲ୍ୟାଣ୍ଡ ଲାବୁଶେନଙ୍କୁ ୨୦୨୪-୨୫ ସିଜିନ ପାଇଁ ଅଧିନାୟକ ଭାବେ ଚୟନ କରିଛି ତେଣୁ ଯଦି ତାଙ୍କ ଉପରେ ବ୍ୟାନ ଲାଗିବ, ସେ ଘରୋଇ କ୍ରିକେଟ ଖେଳିପାରିବେ ନାହିଁ।

# ଚଷମା ପିନ୍ଧି ବ୍ୟାଟିଂ କଲେ ଶ୍ରେୟସ

ନୂଆଦିଲ୍ଲୀ, ୧୩।୯: ଇଣ୍ଡିଆ ଡିର ଅଧିନାୟକ ଶ୍ରେୟସ ଆୟର ଏବେ ସୋଶାଲ ମିଡିଆରେ ଟ୍ରେଣ୍ଡ କରିବାରେ ଲାଗିଛନ୍ତି ନିଜର ଷ୍ଟାଇଲିସ ଅନ୍ଦାଜ ପାଇଁ ସେ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ଆଚରଣ ଏମିତି କିଛି ରହିଥିଲା ଯେ ତାଙ୍କୁ ସାମାଲୋଚନା ହେବାକୁ ମଧ୍ୟ ପଡ଼ିଛି। ଆୟର ଏବେ ଦଲିପ ଟ୍ରଫିରେ ଇଣ୍ଡିଆ ଡିର ନେତୃତ୍ୱ ନେଉଛନ୍ତି ।ପ୍ରଥମ ମ୍ୟାଚ୍‌ରେ ସେ ଯଥାକ୍ରମେ ୯ ଓ ୫୪ ରନର ଇନିଂସ ଖେଳିଥିଲେ ହେଁ ତାଙ୍କ ଦଳକୁ ୪ ୱିକେଟରେ ଇଣ୍ଡିଆ ସି ଠାରୁ ହାରିବାକୁ ପଡ଼ିଥିଲା।



ଦ୍ୱିତୀୟ ମ୍ୟାଚ୍‌ରେ ସେ ଟସ୍ ଜିତି ମୟଙ୍କ ଅଗ୍ରୱାଲଙ୍କ ଇଣ୍ଡିଆ ଏକୁ ବ୍ୟାଟିଂ କରିବାକୁ କହିଥିଲେ। ଇଣ୍ଡିଆ ଏ ୨୯୦ ରନ କରି ଅଲଆଉଟ ହୋଇଯାଇଛି। ତେବେ ଇଣ୍ଡିଆ ଡି ମଧ୍ୟ ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୫ ରନରେ ତାର ପ୍ରଥମ ୪ କେଟ ହରାଇଥିଲା। ଏମାନଙ୍କ ମଧ୍ୟରେ ଅଧିନାୟକ ଶ୍ରେୟସ ଆୟର ମଧ୍ୟ ରହିଥିଲେ ସେ ଖାତା ଖୋଲିବାକୁ ସକ୍ଷମ ହୋଇନାହାନ୍ତି। ଅଥର୍ବ ଟାଇଡେ(୪) ଆଉଟ ହେବା ପରେ ବ୍ୟାଟିଂ କରିବାକୁ ଆସିଥିବା ଶ୍ରେୟସ ସନଗ୍ଲାସ ବା ଚଷମା ପିନ୍ଧି ବ୍ୟାଟିଂ କରିଥିଲେ ସେ ହେଲମେଣ୍ଟ ଭିତରେ ସନଗ୍ଲାସ ପିନ୍ଧି ବ୍ୟାଟିଂ କରିବା ସମସ୍ତଙ୍କୁ ଚକିତ କରିଥିଲା ସେ ୭ଟି ବଲରେ ଶୂନ କରି ଆଉଟ ହେବା ପରେ ସମସ୍ତେ ତାଙ୍କୁ ସମାଲୋଚନା କରିବାରେ ଲାଗିଛନ୍ତି।

ପ୍ରଥମେ ସେ ସନଗ୍ଲାସ ପିନ୍ଧି ବ୍ୟାଟିଂ କରିବାରୁ ତାଙ୍କ ଲୁକ୍‌କୁ ଫ୍ୟାନ୍ସ ପ୍ରଶଂସା କରିଥିଲେ ହେଲେ ସେ ଖାତା ନ ଖୋଲିପାରିବାରୁ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଛି।

# କଡ଼ା ସୁରକ୍ଷାରେ ଚେନ୍ନାଇ ପହଞ୍ଚିଲେ ବିରାଟ, ରୋହିତ

ଚେନ୍ନାଇ, ୧୩।୯: ଭାରତୀୟ କ୍ରିକେଟ ଦଳର ଭେଟେରାନ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଶ୍ରୀଲଙ୍କା ବିପକ୍ଷ ଏକ ଦିବସୀୟ ସିରିଜ ପରେ ଲଣ୍ଡନ ଯାଇଥିଲେ, କିନ୍ତୁ ସେ ୧୯ତାରିଖରୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତ ଫେରିଛନ୍ତି ଏବଂ ଚେନ୍ନାଇରେ ଦଳରେ ଯୋଗ ଦେଇଛନ୍ତି। ସେହିପରି ଅଧିନାୟକ ରୋହିତ ଶର୍ମାଙ୍କୁ କଡ଼ା ସୁରକ୍ଷା ମିଳିଛି। ପ୍ରଥମ ଟେଷ୍ଟର ଏକ ସପ୍ତାହ ପୂର୍ବରୁ ଚେନ୍ନାଇରେ ଟିମ ଇଣ୍ଡିଆର ତାଲିମ ଶିବିର ଆୟୋଜିତ ହୋଇଛି। ଯେତେବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଚେନ୍ନାଇ



ବିମାନବନ୍ଦରରୁ ହୋଟେଲକୁ ଯାଉଥିଲେ, ସେତେବେଳେ ତାଙ୍କର ସୁରକ୍ଷା ଦେଖିବା ଭଳି ଥିଲା। ବିରାଟଙ୍କ ସୁରକ୍ଷା ଅତ୍ୟନ୍ତ କଡାକଡି ଥିଲା। ସିଏସଏଫ ଯବାନଙ୍କ ବ୍ୟତୀତ ସ୍ଥାନୀୟ ବରିଷ୍ଠ ପୋଲିସ କର୍ମଚାରୀ ମଧ୍ୟ ତାଙ୍କ ସୁରକ୍ଷାରେ ଥିଲେ ଏବଂ ତାଙ୍କୁ ସୁରକ୍ଷା ବାହିନୀର ତତ୍ତ୍ୱାବଧାନରେ ଟିମ ସହ ହୋଟେଲକୁ ନିଆଯାଇଥିଲା ବିରାଟଙ୍କ ସୁରକ୍ଷା ଏକ ବଡ କେନ୍ଦ୍ର ମନ୍ତ୍ରୀଙ୍କ ଭଳି ଥିଲା।

# ହାଇଦ୍ରାବାଦର ୪ ଜଣଙ୍କୁ ରିଟେନ୍ କରିବ

ନୂଆଦିଲ୍ଲୀ ୧୩୦୯: ଖୁବ୍ ରୋମାଞ୍ଚକର ହେବ ଆଇପିଏଲ୍ ୨୦୨୫। ସାମ୍ନାକୁ ଆସୁଛି ଗୋଟିଏ ପରେ ଗୋଟିଏ ରୋଚକଚିତ୍ର। ଖାସ୍ କରି ପ୍ଲେୟରଙ୍କ ଅଦଳବଦଳ ଏବଂ ରିଟେନ୍‌କୁ ନେଇ ବେଶ୍ ଚର୍ଚ୍ଚା ଏବେ ସନରାଇଜର୍ସ ହାଇଦ୍ରାବାଦ ପାଳି ।ଆଇପିଏଲ୍ ୨୦୨୪ରେ ଦମ୍‌ଦାର୍ ଫର୍ମରେ ଥିଲେ। ହାଇଦ୍ରାବାଦର ପ୍ଲେୟର ଫାଇନାଲ୍‌ରେ ଟିମ୍‌ର ଭାଙ୍ଗିଥିଲା ଟ୍ରଫି ଆଶା ବର୍ତ୍ତମାନ ସନରାଇଜର୍ସର ରିଟେନ୍ ପ୍ଲେୟରଙ୍କୁ ନେଇ ଚର୍ଚ୍ଚା ।ଏନେଇ ଭବିଷ୍ୟବାଣୀ କରିଛନ୍ତି ଆକାଶ ଚୋପ୍ରା। ସେ କହିଛନ୍ତି କି ସନରାଇଜର୍ସ ହାଇଦ୍ରାବାଦ ନିଶ୍ଚିତ ଭାବେ ଟ୍ରାଭିସ୍ ହେଡ୍, ପ୍ୟାଟ୍ କମିନ୍ସ,,ହେନରିକ କ୍ଲାସେନ୍ ଏବଂ ଅଭିଷେକ ଶର୍ମାଙ୍କୁ ରିଟେନ କରିବାକୁ ଚାହିଁବ ।ଟିମ୍ କୌଣସି ବି ପରିସ୍ଥିତିରେ ବି ଏମାନଙ୍କୁ ରିଲିଜ୍ କରିବାକୁ ଚାହିଁବନି। ଯେତେବେଳେ ଉଭୟ ଓପନର୍ ବ୍ୟାଟିଂ ପାଇଁ ଆସିଥାନ୍ତି ସେତେବେଳେ ହୋଇଥାଏ ଚୌକା-ଛକାର ବର୍ଷା ।ଏହାବ୍ୟତୀତ ହେନରିକ୍ କ୍ଲାସେନ୍‌ଙ୍କର ଦେଖିବାକୁ ମିଳିଥିଲା ବିସ୍ଫୋରକ ପ୍ରଦର୍ଶନ ।ସନରାଇଜର୍ସ ହାଇଦ୍ରାବାଦର ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ସେ ସିଜିନ୍‌ରେ କରିଛନ୍ତି। ଜବରଦସ୍ତ ପର୍ଫମାନ୍ସ ୨୦୨୪ ସିଜିନ୍‌ରେ ନିଜ ବ୍ୟାଟିଂ ଜରିଆରେ ଖେଳାଇଥିଲେ ଆତଙ୍କ ତାଙ୍କର ସାଥି ଦେଇଥିଲେ ଟ୍ରାଭିସ୍ ହେଡ୍ ଏବଂ ହେନରିକ୍ କ୍ଲାସେନ୍ ୩ ପ୍ଲେୟର କରିଥିଲେ ଦୃଢ ପ୍ରଦର୍ଶନ ।ଯଦି ଅଭିଷେକ ଶର୍ମାଙ୍କ ବିଷୟରେ କହିବା ତେବେ ସେ ୧୬ଟି ମ୍ୟାଚ୍‌ରେ କରିଛନ୍ତି ୪୮୪ ରନ୍ ।ଏହି ସମୟରେ ତାଙ୍କର ସର୍ବୋତ୍ତମ ସ୍କୋର ଥିଲା ୭୫ ରନ୍ ।ପ୍ୟାଟ୍ କମିନ୍ସ ଟିମ୍‌ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୋଲର ନିଜ ଘାତକ ବୋଲିଂରେ ଆଇପିଏଲ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ପ୍ୟାଟ୍ କମିନ୍ସ। ଗତ ସିଜନରେ ହାଇଦ୍ରାବାଦ ତାଙ୍କୁ ୨୦.୫୦ କୋଟିରେ କିଣିଥିଲା ଯେଉଁଥିରେ ତାଙ୍କର ବେସ୍ ପ୍ରାଇସ୍ ରହିଥିଲା ମାତ୍ର ୨ କୋଟି ।ଗତ ସିଜନରେ ୧୬ଟି ମ୍ୟାଚରେ କମିନ୍ସ ନେଇଥିଲେ ୧୮ଟି ୱିକେଟ୍ ।ତେବେ ଏହାପୂର୍ବ ସିଜିନ୍ ଅର୍ଥାତ୍ ୨୦୨୩ରେ ଖେଳିନଥିଲେ ଆଇପିଏଲ୍ କିନ୍ତୁ ୨୦୨୪ ପର୍ଫମାନ୍ସକୁ ଦୃଷ୍ଟିରେ ରଖି ଟିମ୍ ତାଙ୍କୁ ରିଟେନ୍ କରିବ। ହାଇଦ୍ରାବାଦ ପ୍ଲେୟର ହେନରିକ କ୍ଲାସେନ୍ କ୍ରିକେଟପ୍ରେମୀଙ୍କ ମନପସନ୍ଦର ପ୍ଲେୟର। ସେ ହାଇଦ୍ରାବାଦ ପାଇଁ ଅନେକ ମ୍ୟାଚ୍‌ରେ କରିଛନ୍ତି ବିସ୍ଫୋରକ ବ୍ୟାଟିଂ ।କ୍ଲାସେନ୍ ଆଇପିଏଲ୍ ୨୦୨୪ରେ ୧୬ଟି ମ୍ୟାଚ ଖେଳି କରିଛନ୍ତି ୪୭୯ ରନ୍ ଏହି ଅବଧିରେ ସେ ୪ଟି ଅର୍ଦ୍ଧଶତକ ଲଗାଇଛନ୍ତି ।କ୍ଲାସେନଙ୍କ ଶ୍ରେଷ୍ଠ ରନ ସ୍କୋର ରହିଥିଲା ୮୦ ରନ୍। ଏମାନଙ୍କ ବ୍ୟତୀତ ଟ୍ରାଭିସ୍ ହେଡ୍ ୨୦୨୪ ଆଇପିଏଲ୍‌ରେ କରିଥିଲେ ଦମ୍‌ଦାର୍ ପର୍ଫମାନ୍ସ। ସେ ସିଜିନରେ ୧୫ଟି ମ୍ୟାଚ୍ ଖେଳି କରିଥିଲେ ୫୬୭ ରନ ସ୍କୋର । ଏହି ସମୟରେ ସେ ଗୋଟିଏ ଶତକ ଏବଂ ୪ଟି ଅର୍ଦ୍ଧଶତକ ଲଗାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ